ସର୍ବୋତ୍କୃଷ୍ଟ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.120 Bhubaneswar Saturday June 15 2024 | ୨୬ତମ ବର୍ଷ ସଂଖ୍ୟା-୧୨୦ ଭୁବନେଶ୍ୱର, ଶନିବାର, ଜୁନ ୧୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଭୁବନେଶ୍ୱରରେ ମୂଲ୍ୟବାନ ଜମି ହାତେଇଛନ୍ତି ୬ ଅଣଓଡିଆ ବାବୁ: ବାର୍ଷିକ ସମ୍ପତ୍ତି ବିବରଣୀରେ ଲୁଚାଇଛନ୍ତି, ବଢ଼ିଲା ସନ୍ଦେହ

ଭୁବନେଶ୍ୱର,୧୪।୬(ପି.ଏନ): ରାଜ୍ୟରେ ବିଜେଡିର ୨୪ବର୍ଷ ଶାସନର ଅନ୍ତ ସହ 'ବାବୁରାଜ'ରେ ପୂର୍ଣ୍ଣଛେଦ ପଡିଛି । ଅଣଓଡିଆ ଅଫିସରମାନଙ୍କ ହାକିମାତି ଉପରେ ବ୍ରେକ୍ ଲାଗିବାପରେ ଏବେ ସେମାନଙ୍କର କାରନାମା ପଦାକୁ ଆସିବାରେ ଲାଗିଛି । ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଜଟଣୀ ତହସିଲ ଅଂଚଳର 'ଖୋଲାଦ୍ୱାର' ମୌଜାରେ ୬ଜଣ ଅଣଓଡିଆ ଅଫିସର ପ୍ରାୟ ଏକ ଏକରରୁ ଅଧିକ ମୂଲ୍ୟବାନ ଜମିର ମାଲିକାନା ହାସଲ କରିଥିବା ଜଣାପଡିଛି । ଏହି ୬ଜଣ ସର୍ବଭାରତୀୟ ସେବା ଅଫିସରଙ୍କ ମଧ୍ୟରୁ ମାତ୍ର ଜଣେଦୁଇଜଣଙ୍କୁ ବାଦ୍ ଦେଲେ ଅନ୍ୟମାନେ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲବେଳେ ଉକ୍ତ ମୂଲ୍ୟବାନ ଜମି ସଂକ୍ରାନ୍ତରେ କୌଣସି ତଥ୍ୟ ଲୁଚାଉଥିବାରୁ ଏହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି । ଯଦିଓ ରାଜସ୍ୱ ବିଭାଗର 'ଭୂଲେଖ'ରେ ଏହି ବାବୁମାନେ ପ୍ରତ୍ୟେକ ୮ହଜାରରୁ ଅଧିକ ବର୍ଗଫୁଟ ଜମିର ମାଲିକ ବୋଲି





ଜଣାପଡିଛି ।ବିଜେଡି ସରକାରରେ ସବୁଠୁ ପାୱାରଫୁଲ୍ ଅଫିସର ହୋଇ ସୁପର ସିଏମ୍ ଭଳି ହାକିମାତି କରୁଥିବା ଆଇପିଏସ୍ ଅଫିସର ଡିଏସ୍ କୁଟ୍‌ଟେ, ରାଜନୀତିକ ଆକ୍ରୋଶକୁ କାର୍ଯ୍ୟକାରୀ କରାଉଥିବା ଆଇପିଏସ୍ ଆଶୀଷ ସିଂ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର.ଭିନିଲକ୍ରିଷ୍ଣାଙ୍କ ସମେତ ଆଇପିଏସ୍ ୨୦୦୪ ବ୍ୟାଚ୍‌ର ଆଇପିଏସ୍ ଦୀପକ କୁମାର ଓ ନିତେନଜିତ୍ ସିଂହ ଏବଂ ୨୦୦୫ ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲ ମିଳିତ ଭାବେ ଜଟଣୀର ଖୋଲାଦ୍ୱାର ମୌଜାରେ ମିଳିତ ଭାବେ ପ୍ରାୟ ଏକ ଏକରରୁ ଅଧିକ ଜମି କ୍ରୟ କରିଥିବା 'ଭୂଲେଖ' ତଥ୍ୟରେ ଦର୍ଶାଯାଇଛି । ପ୍ରତ୍ୟେକ ଅଫିସରଙ୍କ ଭାଗରେ ୮ହଜାର ବର୍ଗଫୁଟର ଜମି ରହିଛି ।

## ପାପ ଲୁଚାଇବାକୁ ସରକାରୀ କ୍ୱାର୍ଟର୍ସକୁ ଭାଙ୍ଗି ମାଟିରେ ମିଶାଉଛନ୍ତି ବବି, କାହିଁକି ଚୁପ୍ ବସିଛି ସାଧାରଣ ପ୍ରଶାସନ ବିଭାଗ

ଭୁବନେଶ୍ୱର,୧୪।୬(ପି.ଏନ): ନିଜର ପତିଆରା ଦେଖାଇବା ପାଇଁ ସରକାରୀ କ୍ୱାର୍ଟର୍ସକୁ ଭାଙ୍ଗି 'ଆଲିଶାନ୍ ବଙ୍ଗଳା'ଭଳି ସଜେଇବା ବିଜେଡି ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ(ବବି)ଙ୍କୁ ଏବେ ମହଙ୍ଗା ପଡିପାରେ । ସବୁ ଆଇନକୁ ଫୁ' କରି ରାଜଭବନଠୁ ମାତ୍ର ୧୦୦ମିଟର ଦୂରରେ ଥିବା ଗୋଟିଏ ସରକାରୀ କ୍ୱାର୍ଟର୍ସକୁ ନିଜର ପୈତୃକ ସମ୍ପତ୍ତି ଭଳି କୋଟିକୋଟି ଟଙ୍କା ବ୍ୟୟରେ ନବୀକରଣ କରିବା ଓ ଏବେ ପୁଣି ତାକୁ ମାଟିରେ ମିଶାଇବା ପାଇଁ ବବି ଉଦ୍ୟମ କରୁଥିବା ଜଣାପଡିଛି । ଆଉ ରାଜଭବନ ଓ ସଚିବାଳୟ ମଝିରେ ରହିଥିବା ଏହି କ୍ୱାର୍ଟର୍ସରେ କିପରି ଓ କାହା ନିର୍ଦ୍ଦେଶରେ ଭଙ୍ଗାଗ ?। କାର୍ଯ୍ୟ ଚାଲିଛି, ସବୁ ଜାଣିମଧ୍ୟ ସାଧାରଣ ପ୍ରଶାସନ ବିଭାଗ କାହିଁକି ଚୁପ୍ ବସିଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।ଯାଜପୁରର ପୂର୍ବତନ ବିଧାୟକ ତଥା ବିଜେଡି ସଂଗଠନ ସମ୍ପାଦକ



ପ୍ରଣବପ୍ରକାଶ ଦାସଙ୍କ ସରକାରୀ କ୍ୱାର୍ଟର୍ସରେ ଏବେ ବ୍ୟାପକ ଭଙ୍ଗାରୁଜା କାମ ଜୋରସୋରରେ ଚାଲିଛି । ସରକାରୀ କ୍ୱାର୍ଟର୍ସର ମୁଖ୍ୟ ଗେଟକୁ ତାଲା ପକାଯାଇ ଏହି ଭଙ୍ଗାଗ ?। କାର୍ଯ୍ୟ ହେଉଛି । ରାଜଭବନ ସମ୍ମୁଖସ୍ଥ ୟୁନିଟ-୬ ଅଂଚଳର ଭିଆଇଆଇଆଇ-ଏମଆର-୧ କ୍ୱାର୍ଟର୍ସରେ ଗତ ସପ୍ତାହେ ଧରି ଦିନରାତି କୋଠା ଭଙ୍ଗା କାର୍ଯ୍ୟ ଚାଲିଥିଲେ ମଧ୍ୟ ସେଥିପ୍ରତି ନା ସାଧାରଣ ପ୍ରଶାସନ ବିଭାଗ ନା ପୂର୍ତ୍ତ ବିଭାଗ କେହି ନଜର ଦେଉଛନ୍ତି । ଏପରିକି ଇଷ୍ଟେଟ୍ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସେହି କ୍ୱାର୍ଟର୍ସଠୁ ମାତ୍ର ୨୦୦ମିଟର ଦୂରରେ ଥିଲେ ମଧ୍ୟ ସେ ବି ଆଖିବୁଜି ଦେଇଛନ୍ତି ।

## ରଜ ଆମ ଓଡିଆ ଅସ୍ମିତାର ଅନନ୍ୟ ପରିଚୟ', ଟ୍ୱିଟ କରି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୪।୬(ପି.ଏନ): ଆଜି ସାରା ରାଜ୍ୟରେ ପହିଲି ରଜ ପାଳନ କରାଯାଉଛି । ପହିଲି ରଜ ପାଳନ ପାଇଁ ସବୁଠି ଉତ୍ସାହ ଦେଖିବାକୁ ମିଳିଛି । ରଜ ପାଇଁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ସମ୍ବଲପୁର ସାଂସଦ ତଥା ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ ନିଜ ଟ୍ୱିଟର ହ୍ୟାଣ୍ଡେଲରେ ରାଜ୍ୟବାସୀଙ୍କୁ ରଜ ଉତ୍ସବ ପାଇଁ ଅଭିନନ୍ଦନ ଜଣାଇଛନ୍ତି ।ସେ ଲେଖିଛନ୍ତି ଯେ, 'ଓଡିଶାର କୃଷିଭିତ୍ତିକ ଗଣପର୍ବ ରଜ ଉପଲକ୍ଷେ ହାର୍ଦ୍ଦିକ ଶୁଭକାମନା । ରଜ ଆମ ଓଡିଆ ଅସ୍ମିତାର ଅନନ୍ୟ ପରିଚୟ । ପ୍ରକୃତି, ଧରିତ୍ରୀ ଓ ନାରୀକୁ ପୂଜା କରିବା ଏବଂ ସମ୍ମାନ ଜଣାଇବାର ସ୍ୱତନ୍ତ୍ର



ପରମ୍ପରା । ପ୍ରକୃତି ସହ ଯୋଡିହେବାର ଏହି ମହାନ ପରମ୍ପରା ସମାଜରେ ଭାଇଚାରାକୁ ଆହୁରି ସୁଦୃଢ଼ କରୁ, ଏହା କାମନା ।'

## ପୂର୍ବ ସରକାରରେ ଚାଲୁଥିବା ଜିଲ୍ଲା ଶାସନ ବ୍ୟବସ୍ଥାକୁ ଦେଖି ତାଜୁବ୍ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୬(ପି.ଏନ): ୨୪ ବର୍ଷ ହେଲା ରାଜ୍ୟରେ କେମିତି ଚାଲିଥିଲା ପ୍ରଶାସନ ଓ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମୀକ୍ଷା ବେଳେ ପୂର୍ବ ସରକାର ଅମଳରୁ ଚାଲି ଆସିଥିବା ଜିଲ୍ଲା ଶାସନ ବ୍ୟବସ୍ଥାକୁ ଦେଖି ତାଜୁବ୍ ହୋଇଛନ୍ତି ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସବୁଠୁ ବଡ଼ କଥା ହେଲା, ପ୍ରାଶାସନିକ ପରିଚାଳନା ଦାୟିତ୍ୱରେ ଗଣ୍ଡା ଗଣ୍ଡା ଘରୋଇ ଏଜେନ୍ସିଙ୍କୁ ନିଯୁକ୍ତି ଦିଆଯାଇଥିଲା । ହେଲେ ତା'ର ଉତ୍ତର ଦାୟିତ୍ୱ କେହିନଥିବା ଜାଣି ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟମନ୍ତ୍ରୀ ।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାମ କରୁଛନ୍ତି ଏକାଧିକ ଆଉଟସୋର୍ସ ଏଜେନ୍ସି । ଆଉ ଖୋଦ ଲୋକ ସଂପର୍କ ବିଭାଗ ଜାଣିନି ମୁଖ୍ୟମନ୍ତ୍ରୀଙ୍କ ପ୍ରକୃତ 'X' ଆକାଉଣ୍ଟ । ଅବସର ପରେ ପ୍ରାୟ ସବୁ ବିଭାଗରେ



ଥଇଥାନ ହୋଇଛନ୍ତି ସରକାରୀ ବାବୁ। ସବୁଠୁ ଚିନ୍ତାଜନକ ବିଷୟ ହେଲା ସରକାରୀ କାମରେ ପରିଚାଳନା ଦାୟିତ୍ୱ ନେଇଛନ୍ତି ଠିକା ସଂସ୍ଥା । ହେଲେ କେଉଁ ବିଭାଗ ପାଇଁ କିଏ ଉତ୍ତରଦାୟୀ ତାହାର ଉତ୍ତର ବାବୁମାନଙ୍କ ପାଖରେ ନାହିଁ। ରାଜ୍ୟରେ ଏମିତି ପ୍ରଶାସନିକ ଅବ୍ୟବସ୍ଥା ଦେଖି ତାଜୁବ ହୋଇଛନ୍ତି ନୂଆ ମୁଖ୍ୟମନ୍ତ୍ରୀ।

## ବିଜେଡି ସରକାର ଅମଳର ଗାଦିମଡା ଆଇପିଏସ୍ ବାବୁଙ୍କ ଭବିଷ୍ୟତ କ'ଣ ହେବ ?

IAS ଅଫିସରଙ୍କ ପରି ବର୍ଷ ବର୍ଷ ଧରି ଗାଦି ମାଡି ବସିଥିଲେ ବହୁ IPSବାବୁ । ଆଉ ବିଜେଡି ଏଜେଣ୍ଟ ସାଜି କାମ କରୁଥିଲେ। ନବୀନ ପଟ୍ଟନାୟକଙ୍କ ସରକାରଙ୍କ ହାତବାରିସି ସାଜିଥିଲେ। ୨୪ ବର୍ଷ ସରକାର ପତନ ପରେ ଏବେ ରାଜ୍ୟରେ ନୂଆ ବିଜେପି ସରକାର କ୍ଷମତାକୁ ଆସିଛି। ତେବେ ଚର୍ଚ୍ଚା ହେଉଛି, ବିଜେଡି ସରକାର ଅମଳର ଗାଦି ମଡା ଆଇପିଏସ୍ ବାବୁଙ୍କର ଭବିଷ୍ୟତ କ'ଣ ହେବ IPS ବାବୁଙ୍କ ଭିତରେ ସବୁଠାରୁ ଚର୍ଚ୍ଚାରେ ଥିଲେ ଅତିରିକ୍ତ ଡିଜି ଡିଏସ କୁଟ୍‌ଟେ। ଦୀର୍ଘ ୧୪ ବର୍ଷ ଧରି ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। ବିଜେଡିର ଦଳୀୟ କାମରେ ମୁଣ୍ଡ ପୂରାଉ ଥିଲେ। ହେଲେ ଗତ ନିର୍ବାଚନରେ ଧରାପଡି ଇସିଆଇଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲେ। ପରେ ଅବଶ୍ୟ ତାଙ୍କ ଉପରୁ ନିଲମ୍ବନ ହଟିଛି। ହେଲେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ତାଙ୍କ ମୁଣ୍ଡ ଉପରେ ଝୁଲୁଛି।

## ଜଳିଗଲା କାର ଅଳ୍ପକେ ବର୍ତ୍ତିଲେ ୩ ଜଣ

ଠାକୁରମୁଣ୍ଡା,୧୪।୬(ପି.ଏନ): ମୟୂରଭଂଜ ଜିଲ୍ଲା ଠାକୁରମୁଣ୍ଡା ଥାନାରୁ ୨ କିମି ଦୂର ଚମକପୁର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ କାରଟି ଜଳି ଯାଇଥିବାବେଳେ ସ୍ଥାନୀୟ ଲୋକ ଗାଡି ଭିତରୁ ୩ ଜଣ ଆରୋହୀଙ୍କୁ ଉଦ୍ଧାର କରିଛନ୍ତି। ଘଟଣାରୁ ପ୍ରକାଶଯେ, ଆଜି ଅପରାହ୍ନ ୩ଟାରେ କରଞ୍ଜିଆ ବ୍ଲକ ଡାଟୋ ଓ ବଡଗାଁ ଅଞ୍ଚଳରୁ ଏକ କାର (ଓଡି ୦୧ସି-୪୦୨୨)ରେ ଚିତ୍ତରଞ୍ଜନ ନାୟକ(୨୨), ଝରଣ କୁମାର ମହାନ୍ତ (୩୦) ଓ କମଳକୃଷ୍ଣ ମହାନ୍ତ ବାହାଘର ପାଇଁ ମାର୍କେଟିଂ କରିବାକୁ ଭୁବନେଶ୍ୱର ଯାଉଥିଲେ। ସେମାନେ ଚମକପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ୨ଟି ବଡ଼ ଶାଳ ଗଛକୁ ଧକ୍କା କରିଥିଲେ। ଶବ୍ଦ ଶୁଣି ଲୋକମାନେ ଦୌଡ଼ି ଆସିଥିଲେ। ଗାଡି ଭିତରେ ରହିଯାଇଥିବା ୩ ଜଣଙ୍କୁ ଉଦ୍ଧାର କରିଥିଲେ।

## ୧୧୦ ଟଙ୍କା ବାକି ପାଇଁ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ

ବେତନଟୀ,୧୪।୬(ପି.ଏନ): ମାତ୍ର ୧୧୦ଟଙ୍କା ବାକିକୁ ନେଇ ମୟୂରଭଂଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବଡଚୁରୁଣୀ ଗ୍ରାମରେ ଘଟିଛି ତୁମୁଳ କାଣ୍ଡ। ଯୁବକକୁ ତେଲେଙ୍ଗା କଟୁରୀରେ ହାଣିଲେ ଦୋକାନୀ।ସୂଚନା ଅନୁଯାଇ ଗତ ବୁଧବାର ମଧ୍ୟାହ୍ନରେ ବଡଚୁରୁଣୀ ଗ୍ରାମର ପ୍ରଶାନ୍ତ ଦାସଙ୍କର ପୁଅ ଆକାଶ ନିଜ କାମ ସାରି ଘରକୁ ଫେରୁଥିବା ସମୟରେ ଗ୍ରାମ ଛକରେ ଥିବା ହେମନ୍ତ ଦାସଙ୍କ ଦୋକାନରେ ଥଣ୍ଡା ପିଇବାକୁ ଅଟକି ଯାଇ ଥିଲେ। ହେଲେ ହେମନ୍ତ ଥଣ୍ଡା ନାହିଁ ବୋଲି କହିବାରୁ ଆକାଶ କେବଳ ଗୋଟିଏ ୫ଟଙ୍କିଆ ବିସ୍କୁଟ ଖାଇ ବାକି ଖାତାରେ ଲେଖିଦେବାକୁ କହିଥିଲା। ପୂର୍ବରୁ ଉକ୍ତ ଦୋକାନରେ ଆକାଶ ନାମରେ ୧୦୫ ଟଙ୍କା ବାକିଥିବାବେଳେ ୫ଟଙ୍କା ମିଶି ମୋଟ ବାକି ୧୧୦ଟଙ୍କା ହୋଇଯାଇଥିଲା। ପରେ ସନ୍ଧ୍ୟାରେ ଆକାଶ ସେହି ରାସ୍ତାରେ କ୍ରିକେଟ ଖେଳି ଘରକୁ ଫେରୁଥିବା ବେଳେ ବାକି ଟଙ୍କା ପାଇଁ ହେମନ୍ତ ତାଙ୍କୁ ଅଟକାଇ ଥିଲା ଓ ୨ଜଣଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା, ଯାହା ପରେ ମାରପିଟର ରୂପ ନେଇଥିଲା।

**ଅଭିନନ୍ଦନ**

ପବିତ୍ର **ରଜ** ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ, ସମ୍ବାଦଦାତା, ଶୁଭେଚ୍ଛୁ ଓ କର୍ମଚାରୀମାଙ୍କୁ 'ପର୍ଯ୍ୟବେକ୍ଷକ'ର ଅଭିନନ୍ଦନ ଓ ଶୁଭେଚ୍ଛା **-ସମ୍ପାଦକ**

**ଛୁଟି ଘୋଷଣା**

ପବିତ୍ର ରଜ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଜୁନ୍ ୧୫ ଓ ୧୬ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୮ ତାରିଖରେ ପ୍ରକାଶ ପାଇବ ।

**-ପ୍ରକାଶକ**

## ୱାରଙ୍ଗାଲ ପୁଲିସ ନିକଟରେ ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୪।୬(ପି.ଏନ): ଏରିଆ କମିଟି ସଦସ୍ୟ ଟିକ୍କା ସୁସ୍ମିତା ଓରଫ ଚିଟି ଓ ମାଡାକମ୍ ଦୁଲା ଓରଫ ଦୁଲା ତେଲେଙ୍ଗାନାର କରିମନଗର ପୁଲିସ କମିସନର ଏବଂ ୱାରଙ୍ଗାଲର ବର୍ତ୍ତମାନର ଦାୟିତ୍ୱରେ ଥିବା ଏସପି ଅଭିଷେକ ମହାନ୍ତି ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଦୁଇଜଣ ମାଓବାଦୀ କହିଛନ୍ତି ଯେ ତେଲେଙ୍ଗାନା ରାଜ୍ୟ କମିଟି ସଦସ୍ୟ ପୁଲୁରୀ ପ୍ରସାଦ ରାଓ ଓରଫ ଚନ୍ଦ୍ରନାନାଙ୍କ ପାଖରେ ସସ୍ମିତା ଓ ଦୁଲା ସୁରକ୍ଷା ଦଳର ସଦସ୍ୟ ଭାବରେ କାର୍ଯ୍ୟ କରୁଥିଲା। ସଂଗଠନରେ ନିର୍ଯାତନା, ଭେଦଭାବ, ନିରୀହଙ୍କୁ ହତ୍ୟା ଓ କୌଣସି ଲକ୍ଷ୍ୟ ନେଇ କାମ ହେଉନଥିବାରୁ ଦଳ ଛାଡିଲେ। ହାନମାକୋଣ୍ଡା ଜିଲ୍ଲାର ହାସ୍ମାପାର୍ଟି ମଣ୍ଡଳ ଅନ୍ତର୍ଗତ ଦାମପାଲୀ ଗାଁର



ବାସିନ୍ଦା ଟିକ୍କା ସୁସ୍ମିତା(୨୭)। ସେ ୭ମ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ତାଙ୍କ ପିତା ଟିକ୍କା ସୁଧାକର ଜଣେ ମାଓବାଦୀ ସଂଗଠନରେ ସଦସ୍ୟ ଭାବରେ କାର୍ଯ୍ୟ କରୁଥିଲେ।ବା ପାଙ୍କ ପଥରେ ଆକର୍ଷିତ ହୋଇ ସସ୍ମିତା ୨୦୧୬ ମସିହାରେ ଅଧ୍ୟୟନ ପରେ ଛତିଶଗଡର ବିଜାପୁର ଜିଲ୍ଲାର କୋମାଟିପାଲ୍ଲୀ ଗାଁର ବାଡେ ଚୋକାରାଓ ଓରଫ ଦାମୋଦରଙ୍କ ଉପସ୍ଥିତିରେ ମାଓବାଦୀ ପାର୍ଟିରେ ଯୋଗ ଦେଇଥିଲେ।

## ଖୋଲିବ ସ୍କୁଲ: ପ୍ରଥମ ଦିନରୁ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦେବାପାଇଁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୬(ପି.ଏନ) : ରାଜ୍ୟରେ ଆସନ୍ତା ୧୮ ତାରିଖରୁ ସ୍କୁଲ ଖୋଲିବାର ପ୍ରଥମ ଦିନରୁ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଅବଗତ କରାଯାଇଛି । ସୂଚନାଯୋଗ୍ୟ, ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମରେ ମଧ୍ୟାହ୍ନ ଭୋଜନ ଦିଆଯାଉଛି ।ଅନ୍ୟପଟେ ବିଦ୍ୟାଳୟ ଗୁଡିକ ଖୋଲିବା ପୂର୍ବରୁ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ଆସନ୍ତା ୧୮ ତାରିଖରେ ସ୍କୁଲ୍ ଖୋଲୁଥିବାରୁ ଏହାର ଏକସପ୍ତାହ ପୂର୍ବରୁ ସମସ୍ତ



ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚମାଧ୍ୟମିକ, ଉଚ୍ଚପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ଗୁଡିକର ଶ୍ରେଣୀଗୃହ ଓ ପରିସରକୁ ସଫା କରିବା ସହ ଆସବାବପତ୍ର ଓ ପାଣିଟାଙ୍କି ସଫା କରିବା ଉପରେ ବିଭାଗ ଗୁରୁତ୍ୱ ପ୍ରଦାନ କରିଛି । ସେହିଭଳି ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ରୋଷେଇଘର ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି କାର୍ଯ୍ୟ ସୁନିଶ୍ଚିତ କରିବା ଲାଗି ବିଦ୍ୟାଳୟ ଖୋଲିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ? ୧୭ତାରିଖରେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବିଦ୍ୟାଳୟ ଆସିବା ନେଇ ବାଧ୍ୟତାମୂଳକ କରାଯାଇଛି ।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା କଟକ-ପାରାଦୀପ ଏବଂ ପାରାଦୀପ-ହରିଦାସପୁର ରେଳ ମାର୍ଗ ନୀରିକ୍ଷଣ

ଭୁବନେଶ୍ୱର,୧୪।୬(ପି.ଏନ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ପାରାଦୀପ ଗସ୍ତରେ ଯାଇ କଟକ-ପାରାଦୀପ ଏବଂ ପାରାଦୀପ-ହରିଦାସପୁର ରେଳ ମାର୍ଗ ନୀରିକ୍ଷଣ କରିବା ସମୟରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଟ୍ରାଫିକ ସୁବିଧା ତଥା ବିନା କୌଣସି ପ୍ରତିବନ୍ଧକରେ ଟ୍ରେନ ଚଳାଚଳ ଏବଂ ରେଳବାଇର ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପକୁ ଶ୍ରୀ ଫୁଙ୍କୱାଲ ମଧ୍ୟ ନୀରିକ୍ଷଣ କରିଥିଲେ ।ଶ୍ରୀ ଫୁଙ୍କୱାଲ ମଧ୍ୟ ପାରାଦୀପ ଅଞ୍ଚଳରେ ରେଳବାଇର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ଓ ନୀରିକ୍ଷଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏଚ୍ ଏସ ବଜୱାଙ୍କ ସହିତ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଅସୁବିଧାମୁକ୍ତ ଟ୍ରେନ୍ ଚଳାଚଳ ଏବଂ ଉଭୟ ରେଳ ବିଭାଗ ଏବଂ ବନ୍ଦର ଅଞ୍ଚଳରେ ଗତିଶୀଳତାର ଉନ୍ନତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜେନେରାଲ୍ ମ୍ୟାନେଜର ଏହି ସୁଯୋଗ ନେଇ ଚାଲୁରହିଥିବା ବିକାଶମୂଳକ କାର୍ଯ୍ୟ ଗୁଡିକର ସମୀକ୍ଷା କରିଥିଲେ ଏବଂ ଟ୍ରେନ ଚଳାଚଳ ଅସୁବିଧାକୁ ହଟାଇବା ପାଇଁ ଚାଲୁଥିବା ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ପଣ୍ୟ ବୋଝେଇ ଓ ପଣ୍ୟ ବୋଝ ଉତାରିବା (ଅନଲୋଡିଂ) ପାଇଁ ଉଦ୍ଦିଷ୍ଟ ବିଭିନ୍ନ ରେଳ ସାଇଡିଙ୍ଗ ପରିଦର୍ଶନ କରିଥିଲେ । ଦେଶର ରାଜସ୍ୱ ବୃଦ୍ଧି ପାଇଁ ପାରାଦୀପ ପୋର୍ଟ ପ୍ରାଧିକରଣ ଏବଂ ଅନ୍ୟାନ୍ୟ ଭାଗିଦାରୀ ଓ ଉଦ୍ୟୋଗ ଗୁଡିକ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ ଶ୍ରୀ ଫୁଙ୍କୱାଲ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଯାହା ସିଧାସଳଖ ଦେଶ ପାଇଁ ଲାଭଦାୟକ ହେବ ।




# ପ୍ରକୃତ ଭକ୍ତିର ଲକ୍ଷଣ !

ସନ୍ତୋଷ, ମନର ତୃପ୍ତିର ଅନ୍ୟ ଏକ ନାମ। ଏ ଦୃଶ୍ୟମାନ ଜଗତରେ ସବୁ କିଛି ସଂକଳ୍ପ ଶକ୍ତିର ଫଳ। ମଣିଷର ଜୀବନ ତାର ଚିନ୍ତାଧାରା ଉପରେ ନିର୍ଭର କରେ। ଜୀବନ ଅନେକ ପ୍ରକାର କର୍ମର ସମାହାର। ସଂକଳ୍ପ ଅତି ବଳବାନ। ଏହା ମଣିଷକୁ ମନର ଗୋଟିଏ ଅବସ୍ଥାରୁ ଆଉ ଏକ ଅବସ୍ଥାକୁ ନେଇ ଯାଇପାରେ। ଏହା ଗୋଟିଏ ପ୍ରକାର ମଣିଷକୁ ଆଉ ଏକ ପ୍ରକାର ମଣିଷ କରି ଦେଇପାରେ। ପୁରାକାଳରେ ଋଷିମାନେ ପ୍ରଥମାବସ୍ଥାରେ ସାଧାରଣ ଲୋକ ହିସାବରେ ଥିଲେ। କେବଳ ତାଙ୍କ ସଂକଳ୍ପ ବଳରେ ସେମାନେ ମହାନ ଲୋକ ହୋଇ ପାରିଥିଲେ। ସଂକଳ୍ପ ଶକ୍ତି ବଳରେ ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମୀକି ହୋଇ ପାରିଥିଲେ। ସେହି ଶକ୍ତି ବଳରେ ରାମକୃଷ୍ଣ, ରାମକୃଷ୍ଣ ପରମହଂସ ହୋଇ ପାରିଥିଲେ। ଦୁଇ ପ୍ରକାର ସଂକଳ୍ପ ଅଛି। ଗୋଟିଏ ଦୂଷିତ ଓ ଅନ୍ୟଟି ପବିତ୍ର। ପବିତ୍ର ସଂକଳ୍ପ ବଳରେ ମାନବ କଲ୍ୟାଣ ଭଳି ସତକର୍ମ ମାନ ସାଧିତ ହୋଇପାରେ। ଦୂଷିତ ସଂକଳ୍ପରେ ଈର୍ଷା, ଘୃଣା, ସମାଲୋଚନା ପ୍ରଭୃତି ଭରି ରହିଥାଏ। ମଣିଷ ସ୍ୱଭାବର ଦୁଇଟି ପାଖ ଅଛି। ଗୋଟିଏ ପାଶବିକ ଓ ଅନ୍ୟଟି ଦୈବୀ। ମଣିଷ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ପ୍ରଭୃତି ଷଡ଼ରିପୁଙ୍କ ଦ୍ୱାରା ଆକ୍ରାନ୍ତ। ମଣିଷ ତା'ଠାରେ ଥିବା ସୁପ୍ରବୃତ୍ତିକୁ ଭଲ କାମରେ ଲଗାଉ ନାହିଁ। ସୁଫଳ ସୃଷ୍ଟି କରୁଥିବା ସତକର୍ମମାନ ଓ ଈଶ୍ୱରଙ୍କ ପ୍ରତି ଉତ୍ସର୍ଗୀକୃତ ଜୀବନ ଦ୍ୱାରା ମାନବ ମାଧବଙ୍କୁ ରୂପାନ୍ତରିତ ହୋଇଯାଇପାରେ। ଏ ମାର୍ଗରୁ ଦୂରେଇ ଗଲେ ସେ ଭୁଲ କରି ବସେ ଓ ପରିଶେଷରେ ଆସୁରି ପ୍ରବୃତ୍ତି ସମ୍ପନ୍ନ ହୋଇଯାଏ।

ମଣିଷର ଦେହକୁ ଗୋଟିଏ ରଥ ସହ ଓ ଆତ୍ମାକୁ ରଥର ସାରଥି ସହ ତୁଳନା କରାଯାଇପାରେ। ମଣିଷ ଭିତରୁ ଉପୁଜୁଥିବା ଭଲ ଓ ମନ୍ଦ ଚିନ୍ତା ଗୁଡ଼ିକ ପାଇଁ କାରଣ ମଧ୍ୟ ଅଛି। ଏକ ପାଖରେ କାରଣ ଓ ଅନ୍ୟ ପାଖରେ ଫଳାଫଳ। କାରଣ ଓ ଫଳାଫଳ ମଧ୍ୟରେ ଥିବା ସମ୍ପର୍କ ଅବର୍ଣ୍ଣନୀୟ। ସେମାନେ ପରସ୍ପର ନିର୍ଭରଶୀଳ, ଗୋଟିଏ ନଥିଲେ ଅନ୍ୟଟି ରହି ପାରିବ ନାହିଁ। କାରଣ ବିନା କୌଣସି ଘଟଣା ଘଟି ନପାରେ। କିନ୍ତୁ ଗୋଟିଏ କଥା ଅଛି ଯାହା କୌଣସି ହେତୁ ନଥାଇ ମଧ୍ୟ ପ୍ରବେଶ କରିଯାଏ। ତାହା ହେଉଛି ଅହଂଭାବ। ଅହଂଭାବ ଯୋଗୁଁ ମଣିଷ ଅନୁଭବ କରେ ଯେ ତା ସମକକ୍ଷ ଆଉ କେହିନାହିଁ। ଏହାଦ୍ୱାରା ସେ ନିଜକୁ ଭୁଲି ଯାଏ। ଅହଂକାରର ଏଭଳି ଶକ୍ତି। ଅହଂପୂର୍ଣ୍ଣ ଲୋକ କ'ଣ ଠିକ କ'ଣ ଭୁଲ ତାହା ଜାଣି ପାରେନାହିଁ। ସେ ଗୋଟିଏ ପଶୁ ତଥା ଅସୁର ଠାରୁ ବି ହୀନ ହୋଇଯାଏ। ଏହି ଅହଂକାର ବିନାଶ କରିବା ପାଇଁ ଆମକୁ ଆମର ସମସ୍ତ ମନ୍ଦ ଗୁଣ ଗୁଡ଼ିକୁ ହୋମାଗ୍ନିରେ ଉତ୍ସର୍ଗ କରି ଦେବାକୁ ପଡ଼ିବ।

ଆମଠାରେ ଯଦି ସାମାନ୍ୟ ମାତ୍ର ପରିବର୍ତ୍ତନ ନ ଆସିଲା, ତେବେ ଜୀବନ ବୃଥାରେ ନଷ୍ଟ ହୋଇଗଲା ବୋଲି ଜାଣ। ଆଜିକାଲି ଆମେ ଗୋଟିଏ ପ୍ରକାର କଥା କହୁ ତ ଆଉ ଗୋଟିଏ ପ୍ରକାର କାମ କରୁ। ଅହଂକାର ମଣିଷ ଭିତରେ ପ୍ରବେଶ କରି ଘଟିବାକୁ ଯାଉଥିବା କଥା ସବୁ ଭୁଲାଇ ଦେଉଛି। ଆମର ପ୍ରତ୍ୟେକ ଭୁଲ ପାଇଁ, ପ୍ରତ୍ୟେକ ଅପରାଧ ପାଇଁ, ପ୍ରତିଟି ମିଥ୍ୟା ବଚନ ପାଇଁ ଫଳଭୋଗ କରିବାକୁ ପଡ଼ିବ। ତେଣୁ ସଦ୍‌ଗୁଣର ଅଭିବୃଦ୍ଧି କରି ମଙ୍ଗଳ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବା।

'ଯଦ୍‌ଭାବମ୍ ତଦ୍ ଭବତି।' ଅର୍ଥାତ୍ ଆମେ ଯେମିତି ଭାବିବା ସେମିତି ହୋଇପାରିବା। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ କହିଛନ୍ତି 'କେବଳ ନିର୍ମଳ ହୃଦୟ ବ୍ୟକ୍ତିମାନେ ହିଁ ଈଶ୍ୱର ଦର୍ଶନ ଲାଭ କରନ୍ତି। ଅଧିକରୁ ଅଧିକ ଦୈବୀ କୃପା ଲାଭ କରି ନେବା ପାଇଁ ହୃଦୟକୁ ବୃହତରୁ ବୃହତ୍ତର କର। ଛୋଟିଆ ପାତ୍ରଟିଏ ନେଇ ଯାଇ ତୁମେ ସେଥିରେ ସମୁଦ୍ରର ସମୁଦାୟ ଜଳ ନେଇ ଆସିପାରିବ ନାହିଁ। ପାତ୍ରରେ ଯାହା ଧରୁଥିବା ପରିମାଣର ଜଳ କେବଳ ପାଇ ପାରିବ। ତୁମେ ନିଜକୁ ଜଣେ ବଡ଼ ଭକ୍ତ ଓ ବହୁ ହିତକର କାର୍ଯ୍ୟରେ ସମ୍ପୃକ୍ତ ବୋଲି କହି ବିଶ୍ୱକୁ ଠକି ଦେଇ ଚାଲିଛ। ଜଣଙ୍କର କାର୍ଯ୍ୟ କଳାପ, ଆଚରଣ ବ୍ୟବହାରରୁ ହିଁ ପ୍ରକୃତ ଭକ୍ତି ଜଣା ପଡ଼ିବ।

# ସତ୍ୟର ନୀରବ ସାଧକ ପ୍ରଫେସର ବି.ବି. ଲାଲ

ଦେଶର ଖ୍ୟାତନାମା ପ୍ରତ୍ନତତ୍ୱବିତ ପ୍ରଫେସର ବିବି ଲାଲ ଆଉ ନାହାନ୍ତି। ୧୦୧ ବର୍ଷ ବୟସରେ ସେ ତାଙ୍କର ଶେଷନିଃଶ୍ୱାସ ନେଇଛନ୍ତି। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ ମାନ୍ୟଗଣ୍ୟ ଲୋକମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଅଯୋଧ୍ୟାରେ ବାବରୀ ଢାଂଚା ତଳେ ମନ୍ଦିର ଥିବାର ପ୍ରମାଣ ହେଉ, ଇଂରେଜଙ୍କ ଦ୍ୱାରା ଦିଆଯାଇଥିବା ଅତ୍ୟନ୍ତ ଅବୈଜ୍ଞାନିକ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ ବିରୁଦ୍ଧରେ ଅକାଟ୍ୟ ତର୍କ ପ୍ରଫେସର ଲାଲ ଦେଇଥିଲେ।

ଇଂରେଜମାନେ ସେମାନଙ୍କର ଔପନିବେଶିକ ସ୍ୱାର୍ଥର ପୂର୍ତ୍ତି କରିବାକୁ ଓ ସେମାନଙ୍କର ଶାସନକୁ ଦୀର୍ଘସ୍ଥାୟୀ କରିବାକୁ ଶିକ୍ଷା, ଇତିହାସ ଏପରିକି ପ୍ରତ୍ନତତ୍ୱକୁ ବ୍ୟବହାର କରିଥିଲେ। ଇଂରେଜମାନେ ବିଶେଷ ଭାବେ ଇତିହାସ ଓ ପ୍ରତ୍ନତତ୍ୱର ବ୍ୟବହାର ସତ୍ୟ ଜଣାଇବାକୁ କରୁ ନ ଥିଲେ ବରଂ ସେମାନେ ଏଗୁଡ଼ିକର ବ୍ୟବହାର ଭାରତର ଜନମାନସରେ ହଜାର ହଜାର ବର୍ଷ ଧରି ଅଂକିତ ଥିବା ତଥ୍ୟକୁ ଭୁଲ ବୋଲି ପ୍ରମାଣିତ କରିବାକୁ କରି ଆସିଥିଲେ। ଏପରି କରିବା ପଛରେ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତୀୟମାନଙ୍କ ମନରେ ହୀନମନ୍ୟନତାର ଭାବନା ସୃଷ୍ଟି କରିବା। ଯେଉଁ ଜାତି ମନରେ ହୀନମନ୍ୟତାର ଭାବନା ସୃଷ୍ଟି ହୋଇଯାଏ, ଯେଉଁ ଜାତି ଆତ୍ମହୀନତାର ଶିକାର ହୋଇଯାଏ, ତା' ଉପରେ ଶାସନ କରିବା ଖୁବ ସହଜ ହୋଇଥାଏ। ଯେଉଁ ଜାତି ତାର ଇତିହାସରୁ ପ୍ରେରଣା ଲାଭ କରେ ଓ ଭୁଲରୁ ଶିକ୍ଷା ଗ୍ରହଣ କରିଥାଏ ସେହି ଜାତି ଉପରେ ଦୀର୍ଘ ସମୟ ଧରି ଶାସନ କରିବା ସମ୍ଭବ ହୋଇ ନ ଥାଏ। ଗୋରା ଇଂରେଜ ଧୂର୍ତମାନେ ଏହାକୁ ଭଲ ଭାବେ ଜାଣିଥିଲେ।

ଏହି କାରଣରୁ ଇଂରେଜମାନେ ଭାରତରେ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ, ରାମାୟଣ- ମହାଭାରତ ଆଦି ଭାରତର ଇତିହାସ ନୁହେଁ ବରଂ ଏହାକୁ ମାଇଥୋଲୋଜି ବୋଲି ପ୍ରଚାରିତ କରି ଆସୁଥିଲେ। ଭାରତ ସ୍ୱାଧୀନ ହେବା ପରେ ଏହି ଦୃଷ୍ଟି ବଦଳି ଯିବାର ଆବଶ୍ୟକତା ଥିଲା। ହେଲେ ଦୁର୍ଭାଗ୍ୟର ବିଷୟ ଯେ ଭାରତ ସରକାର ଓ ଭାରତ ସରକାରଙ୍କ ଦ୍ୱାରା ଗଠିତ ସଂସ୍ଥାମାନଙ୍କରେ ଏଥିରେ କୌଣସି ପ୍ରକାର ପରିବର୍ତ୍ତନ ଆସି ନଥିଲା। ସେମାନେ ଏଥିରେ ଭାରତୀୟ ଦୃଷ୍ଟିକୋଣ ଆଣିବା ପରିବର୍ତ୍ତେ ମଧ୍ୟ ଇଂରେଜମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଔପନିବେଶିକ ନ୍ୟାରେଟିଭକୁ ହିଁ ଆଗକୁ ବଢାଇଥିଲେ। ଏହି ସଂସ୍ଥାମାନଙ୍କରେ ବାମପନ୍ଥୀମାନଙ୍କ ପ୍ରବେଶ କାରଣରୁ ଭାରତ ସ୍ୱାଧୀନ ହେବାପରେ ମଧ୍ୟ ସ୍କୁଲର ପାଠ୍ୟକ୍ରମରେ ଆର୍ଯ୍ୟମାନେ ବାହାରୁ ଆସିଥିଲେ ଭଳି ମିଥ୍ୟା ସିଦ୍ଧାନ୍ତଗୁଡ଼ିକୁ ପଢାହୋଇ ଆସୁଥିଲା। ହେଲେ ପ୍ରସିଦ୍ଧ ପ୍ରତ୍ନତତ୍ୱବିତ ପ୍ରଫେସର ବି.ବି. ଲାଲ ଜଣେ ଏପରି ସତ୍ୟର ସାଧକ ଥିଲେ ଯିଏ ଏହି ସମସ୍ତ ବାମପନ୍ଥୀ ଓ ଔପନିବେଶିକ ଥ୍ୟୋରୀ ଗୁଡ଼ିକୁ ନିଜର ବୈଜ୍ଞାନିକ ପ୍ରତ୍ନତାତ୍ୱିକ ଅନୁସନ୍ଧାନ ଆଧାରରେ ଧରାଶାୟୀ କରିଥିଲେ। ସେ ତାଙ୍କର ଅନେକ ଦଶନ୍ଧି ଧରି ପ୍ରତ୍ନତାତ୍ୱିକ କାମରେ ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରିଥିଲେ। ଏହାମଧ୍ୟରୁ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ହେଲା ଯେ ସେ ଅଯୋଧ୍ୟାରେ ବାବରୀ ଢାଂଚା ତଳେ ମନ୍ଦିର ଥିବା କଥା କହିଥିଲେ। ଏହାଫଳରେ ବାମପନ୍ଥୀ ତଥା ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଐତିହାସିକମାନଙ୍କଠାରୁ ତାଙ୍କୁ ଅନେକ ସମାଲୋଚନାର ଶରବ୍ୟ ହେବାକୁ ପଡିଥିଲା। ଇତିହାସ କ୍ଷେତ୍ରରେ ଏହି ବାମପନ୍ଥୀ ଐତିହାସିକମାନଙ୍କର ପ୍ରଭାବ ଖୁବ ଅଧିକ ରହି ଆସିଛି। ସେମାନେ ସରକାର ଓ ଶାସନର ସଂରକ୍ଷଣରେ କଳାକୁ ଧଳା କରିବା ଓ ଧଳାକୁ କଳା କରିବା କାମ ଲଗାତାର ଭାବେ କରି ଆସିଛନ୍ତି। ସେମାନେ ଭାରତର ରାଜା ସେମାନଙ୍କର ଶାସନ ବ୍ୟବସ୍ଥା ସେମାନଙ୍କ ସମୟର ସମାଜ ବ୍ୟବସ୍ଥାକୁ 'ଜହାଲତରେ ପରିପୂର୍ଣ୍ଣ' ବୋଲି ଘୋଷଣା କରିବା ସହ ମଧ୍ୟ-ଏସିଆରୁ ଆସିଥିବା ଆକ୍ରମଣକାରୀ ମାନେ କିପରି ଶ୍ରେଷ୍ଠ ଥିଲେ ତାହା ଲେଖି ଭାରତର ଜନମାନସକୁ ଭ୍ରମିତ କରିବାର କାମ କରି ଆସିଛନ୍ତି। ତାଙ୍କ ଦ୍ୱାରା ଦିଆଯାଇଥିବା ଥ୍ୟୋରୀ ବିରୁଦ୍ଧରେ ଯଦି କେହି ଗଲା, ତେବେ ଏକାଦେମିକ କ୍ଷେତ୍ରରେ ତାଙ୍କୁ ସମାପ୍ତ କରିଥା'ନ୍ତି। ତେଣୁ ପ୍ରଫେସର ବି. ବି. ଲାଲ ତାଙ୍କ ଟାର୍ଗେଟରେ ରହିବା ସ୍ୱାଭବିକ ଥିଲା। ଏହାସତ୍ତ୍ୱେ ପ୍ରଫେସର ବି. ବି. ଲାଲ କେବେହେଲେ ସତ୍ୟରୁ ବିଚ୍ୟୁତ ହୋଇ ନଥିଲେ। ପ୍ରଫେସର ବି.ବି. ଲାଲ ଅନେକ ମହାଭାରତ ସହ ଜଡିତ ସ୍ଥଳର ଉତ୍‌ଖନନ କାମ କରିଥିଲେ। ସେ ୧୯୭୫ ମସିହାରେ ଆର୍କିଓଲଜି ଅଫ ଦି ରାମାୟଣ ସାଇଟ୍ସ ନାମରେ ଏକ ପ୍ରକଳ୍ପ କାମ ଆରମ୍ଭ କରିଥିଲେ। ଏହି ପ୍ରକଳ୍ପରେ ସେ ରାମାୟଣ ସହ ଜଡିତ ବିଭିନ୍ନ ସ୍ଥାନ ଅଯୋଧ୍ୟା, ଭରଦ୍ୱାଜ ଆଶ୍ରମ, ନନ୍ଦୀଗ୍ରାମ, ଚିତ୍ରକୂଟରେ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ।

ରାମ ଜନ୍ମଭୂମି ସ୍ଥଳରେ ଉତ୍‌ଖନନ ବେଳେ ଏହି ଟିମରେ ସାମିଲ ଥିବା (ସେତେବେଳେ ଯୁବାବସ୍ଥାରେ ଥିବା) କେ. କେ. ମୋହମ୍ମଦ ତାଙ୍କର ଗୁରୁ ଅର୍ଥାତ ବି. ବି. ଲାଲଙ୍କ ସମ୍ପର୍କରେ ଏକ ଲେଖା ଲେଖିଛନ୍ତି। ସେ କହିଛନ୍ତି ଯେ ଜନ୍ମଭୂମି ସ୍ଥଳରେ ପୂର୍ବରୁ ସେଠାରେ ମନ୍ଦିର ରହିଥିବାର ସ୍ପଷ୍ଟ ପ୍ରମାଣ ମିଳିଥିଲା। ହେଲେ ମାର୍କସବାଦୀ ଐତିହାସିକ ମାନେ ଅଯୋଧ୍ୟା ଉତ୍‌ଖନନ ଓ ବିଶେଷ ଭାବେ ଏହାର ନେତୃତ୍ୱ ନେଇଥିବା ପ୍ରଫେସର ବି.ବି. ଲାଲଙ୍କ ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ। କେ.କେ. ମୋହମ୍ମଦଙ୍କ କହିବା କଥା ହେଲା ଯେ ଯେଉଁ ଲୋକମାନେ ପ୍ରଫେସର ଲାଲଙ୍କ ଉପରେ ଆକ୍ରମଣ କରୁଥିଲେ ସେମାନେ ଐତିହାସିକ ଥିଲେ, ପ୍ରତ୍ନତତ୍ୱ ବିଷୟରେ କହିବାର ସେମାନେ ଅଧିକାରୀ ନ ଥିଲେ। ସେମାନଙ୍କୁ ପ୍ରତ୍ନତତ୍ୱରେ ବ୍ୟବହାର ହେଉଥିବା ଟେକ୍ନିକ ଓ ଅନ୍ୟ ବିଷୟ ଜଣା ନ ଥିଲା। ଏହାସତ୍ତ୍ୱେ ଏହି ମାର୍କ୍ସବାଦୀ ଐତିହାସିକମାନେ ପ୍ରଫେସର ଲାଲଙ୍କ ବିରୁଦ୍ଧରେ ଗଣମାଧ୍ୟମରେ ଆକ୍ରମଣ ଜାରୀ ରଖିଥିଲେ। କେ.କେ. ମୋହମ୍ମଦଙ୍କ କହିବା କଥା ଯେ ଏହାପରେ ଏଏସଆଇ ଓ ପ୍ରଫେସର ବି.ବି. ଲାଲଙ୍କ ଉପରେ କମ୍ୟୁନିଷ୍ଟମାନଙ୍କର ଆକ୍ରମଣ ନ କମିବା କାରଣରୁ ସେ ଗଣମାଧ୍ୟମରେ



ଏହାଉପରେ ପ୍ରତିକ୍ରିୟା ଦେବାକୁ ସ୍ଥିର କଲେ। ସେ ୧୯୯୦ ମସିହା ଡିସେମ୍ବର ୧୫ ତାରିଖ ଦିନ ଏକ ଇଂରାଜୀ ସମ୍ବାଦପତ୍ରରେ ପତ୍ରରେ ଏକ ଲେଖା ଲେଖି କହିଲେ ଯେ ସେ ନିଜେ ଜଣେ ମୁସଲମାନ। ସେ ଖନନକାରୀ ଦଳର ଜଣେ ସଦସ୍ୟ ଥିଲେ। ବିବାଦୀୟ ଢାଂଚା ତଳେ ମନ୍ଦିରର ଭଗ୍ନାବଶେଷ ରହିଛି। ଅଯୋଧ୍ୟା ହିନ୍ଦୁମାନଙ୍କର ପବିତ୍ର ସ୍ଥଳ ହୋଇଥିବା କାରଣରୁ ମୁସଲମାନ ମାନଙ୍କୁ ସ୍ୱେଚ୍ଛାରେ ରାମ ଜନ୍ମଭୂମିକୁ ଦେଇଦେବା ଉଚିତ। ଡ. କେ.କେ. ମୋହମ୍ମଦ ଆଗକୁ ଲେଖିଲେ ଯେ ଏହା ପରେ ମାର୍କ୍ସବାଦୀ ଓ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଐତିହାସିକମାନେ ତାଙ୍କ ପ୍ରତି ରକ୍ତମୁଖା ହୋଇପଡିଥିଲେ।

କେ.କେ. ମୋହମ୍ମଦଙ୍କ ଏହି ଲେଖା ଉପରେ କମ୍ୟୁନିଷ୍ଟ ଐତିହାସିକମାନେ ଯେଭଳି ପ୍ରତିକ୍ରିୟା ଦେଇଥିଲେ ସେଥିରୁ ବାମପନ୍ଥୀ ଐତିହାସିକମାନଙ୍କର ପ୍ରଫେସର ବି.ବି. ଲାଲଙ୍କ ପ୍ରତି କେତେ କ୍ରୋଧ ଥିଲା, ତାହା ଅନୁମାନ କରାଯାଇପାରେ। ଏହାସତ୍ତ୍ୱେ ପ୍ରଫେସର ବି. ବି. ଲାଲ ତାଙ୍କର କାମ ଜାରୀ ରଖିଥିଲେ। ସମାଲୋଚନା ତାଙ୍କୁ ତାଙ୍କ କାମରୁ ଦୂର କରିପାରି ନ ଥିଲା। ଅଯୋଧ୍ୟା ମାମଲାର ଯେତେବେଳେ ସୁପ୍ରିମକୋର୍ଟର ରାୟ ଆସିଲା ସେତେବେଳେ ସେ ଏହାର ପ୍ରତିକ୍ରିୟାରେ କହିଲେ- "ଏଏସଆଇର ନିଷ୍କର୍ଷଗୁଡିକ ସୁପ୍ରିମକୋର୍ଟ ନୋଟିସରେ ନେଇଥିବାରୁ ମୁଁ ଅତ୍ୟନ୍ତ ଖୁସି।"

ଏ ସମ୍ପର୍କରେ ତାଙ୍କର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପୁସ୍ତକ 'ରାମ, ହିଜ ହିଷ୍ଟରିସିଟି, ମନ୍ଦିର ଏଣ୍ଡ ସେତୁ: ଏଭିଡେନ୍ସ ଅଫ ଲିଟରେଚର, ଆର୍କିଓଲଜି ଏଣ୍ଡ ଅଦର ସାଇନ୍ସେସ' ରହିଛି। ପ୍ରଫେସର ବି.ବି. ଲାଲ କେବଳ ରାମାୟଣ ସ୍ଥଳ ଉପରେ କାମ କରି ନାହାନ୍ତି। ସେ ମହାଭାରତ ସ୍ଥଳଗୁଡିକ ଉପରେ ମଧ୍ୟ ଦୀର୍ଘଦିନ ଧରି କାମ କରିଥିଲେ। ପ୍ରଫେସର ବି.ବି. ଲାଲ ଜଣେ ସତ୍ୟାନ୍ୱେଷୀ ଭାବେ ତାଙ୍କର କାମ କରିଥିଲେ। ସେ ମହାଭାରତ ସହ ଜଡିତ ଅନେକ ସ୍ଥାନ ଯେପରି ମେରଠ ନିକଟରେ ହସ୍ତିନାପୁର, ମଥୁରା ଓ କୁରୁକ୍ଷେତ୍ର ଆଦି ସ୍ଥାନରେ ତଥା ଇନ୍ଦ୍ରପ୍ରସ୍ଥ ଆଦି ସ୍ଥାନରେ ପ୍ରତ୍ନତାତ୍ୱିକ ପ୍ରକଳ୍ପରେ କାମ କରିଥିଲେ। ବାମପନ୍ଥୀମାନେ ମହାଭାରତକୁ କେବଳ କପୋଳ କଳ୍ପନା କହୁଥିବା ବେଳେ ପ୍ରଫେସର ଲାଲ ମହାଭାରତର ଐତିହାସିକତାକୁ ପ୍ରମାଣିତ କରି ବାମପନ୍ଥୀ ଐତିହାସିକମାନଙ୍କ ଗାଲରେ ଶକ୍ତ ଚାପୁଡା ଲଗାଇଥିଲେ। କେବଳ ସେତିକି ନୁହେଁ ପ୍ରଫେସର ଲାଲ ବ୍ରିଟିଶମାନଙ୍କ ଦ୍ୱାରା ଓ ପରେ ମାର୍କ୍ସବାଦୀମାନଙ୍କ ଦ୍ୱାରା ବହୁଳ ଭାବେ ପ୍ରଚାରିତ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତକୁ ଅତ୍ୟନ୍ତ ତାର୍କିକ ଭାବେ ଖଣ୍ଡନ କରିଥିଲେ। ତାଙ୍କର ଏ ସମ୍ପର୍କିତ ପୁସ୍ତକ 'ଦି ସରସ୍ୱତୀ ଫ୍ଲୋଜ ଅନ'। ଏହି ପୁସ୍ତକ ଜରିଆରେ ସେ ମାର୍କସବାଦୀ ଐତିହାସିକ ଆର.ଏସ. ଶର୍ମାଙ୍କ ଦ୍ୱାରା ଦିଆଯାଇଥିବା ତର୍କକୁ ଖଣ୍ଡନ କରିଥିଲେ। ଏହାକୁ ନେଇ ମଧ୍ୟ ସେ ମାର୍କସବାଦୀମାନଙ୍କ ଦ୍ୱାରା ପ୍ରବଳ ଆକ୍ରମଣ ଓ ସମାଲୋଚନାର ଶିକାର ହୋଇଥିଲେ। ଏହାସତ୍ତ୍ୱେ ପ୍ରଫେସର ଲାଲ କେବେହେଲେ ସତ୍ୟର ଅନ୍ୱେଷଣରୁ ନିଜକୁ ବିଚ୍ୟୁତ କରି ନ ଥିଲେ।

ଜୀବନବ୍ୟାପୀ ସତ୍ୟର ସାଧନା କରିଥିଲେ ପ୍ରଫେସର ଲାଲ। ସେ ଔପନିବେଶିକବାଦୀ ଢାଂଚାକୁ ଭାଙ୍ଗିବା ସହ ଭାରତୀୟ ଢାଂଚା ତିଆରି କରିବାକୁ ତାଙ୍କର ସମ୍ପୂର୍ଣ୍ଣ ଜୀବନ ଲଗାଇ ଦେଇଥିଲେ। ଏଭଳି ଜଣେ ଭାରତୀୟତାର ନୀରବ ସାଧକଙ୍କୁ ଶତ ଶତ ପ୍ରଣାମ!

# ରାଜ୍ୟର ସମସ୍ତ ୭୫ ଲକ୍ଷ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ !

ଭୁବନେଶ୍ୱର (ପିଏନ୍)-ସମଗ୍ର ରାଜ୍ୟରେ ଚାଷୀକୁଳ ବହୁ ଦୁସ୍ଥିତି ମଧ୍ୟରେ ଗତି କରୁଛନ୍ତି। ଧାନକୁ ଛାଡ଼ି ଆଳୁ, ପିଆଜ, ଦୁଗ୍ଧ, ଅଣ୍ଡା ପ୍ରଭୃତି ଖାଦ୍ୟ ସାମଗ୍ରୀ ଉପରେ ଓଡ଼ିଶା ବାହାର ରାଜ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରିଠାରୁ ମଣ୍ଡି ଅବ୍ୟବସ୍ଥା, ଜଳସେଚନ କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି, ଫସଲ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଓ ଶସ୍ୟ ସଂଗ୍ରହ ପାଇଁ ଗୋଦାମ ଘର ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଉଭୟ ସରକାର ୨୦୨୨ ସୁଦ୍ଧା ଚାଷୀର ଆୟ ଦ୍ୱିଗୁଣା କରିବା ପାଇଁ ୫ ବର୍ଷ ତଳୁ ଡିଣ୍ଡିମ ପିଟୁଥିବା ବେଳେ ଜାତୀୟ ସ୍ତରରେ ଚାଷୀର ମାସିକ ଆୟ ୧୦ ହଜାର ଟଙ୍କା ଥିବାବେଳେ ଓଡ଼ିଶାର ଚାଷୀଙ୍କ ମାସିକ ଆୟ ବର୍ତ୍ତମାନ ମାତ୍ର ୫୧୧୨ଟଙ୍କା। ସରକାର କାଳିଆ ଓ ପିଏମ୍ କିଷାନ ଯୋଜନାରେ କୃଷକଙ୍କ ପାଇଁ ସାମୟିକ ସହାୟତା ଦେଉଥିବା ବେଳେ ଏଥିରେ ଚାଷୀକୁଳର ବିକାଶ ହେଉ ନାହିଁ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି।

ବିପର୍ଯ୍ୟସ୍ତ କୃଷି କ୍ଷେତ୍ରରେ ଉନ୍ନତି ଆଣିବାକୁ ହେଲେ ଦୀର୍ଘସ୍ଥାୟୀ କୃଷି ଭିତ୍ତିଭୂମିର ସୁଦୃଢ଼ ହେବା ଏକାନ୍ତ ଜରୁରୀ। ଯଥା – ଉତ୍ପାଦିତ କୃଷିଜାତ ଦ୍ରବ୍ୟରେ ଚାଷୀଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ, ଠିକଣା ସମୟରେ ବିହନ, ସାର, କୃଷିଋଣ ଓ ଫସଲବୀମା କ୍ଷତିପୂରଣ ସହାୟତା ରାଶି ଯୋଗାଇବା ସହ ସଶକ୍ତ ମଣ୍ଡି ବ୍ୟବସ୍ଥା, ସଂରକ୍ଷଣ ପାଇଁ ଶୀତଳଭଣ୍ଡାର, କୃଷିଭିତ୍ତିକ ଶିଳ୍ପ ଯଥା- ତେଲ କଳ, ସୂତା କଳ, ଆଖୁ କଳ, ଖାଦ୍ୟ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ସହ କୃଷିଜାତ ଦ୍ରବ୍ୟ ରପ୍ତାନୀ ବ୍ୟବସ୍ଥା କରାଯିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ପ୍ରତିଶ୍ରୁତି ଅନୁଯାୟୀ କାଳିଆ ଯୋଜନାରେ ରାଜ୍ୟର ୭୫ ଲକ୍ଷ ଚାଷୀ ଅନ୍ତର୍ଭୁକ୍ତ ହେବା କଥା, ହେଲେ ବର୍ତ୍ତମାନ ୫୩ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ସରକାର ବର୍ଷକୁ ଦୁଇଟି କିସ୍ତିରେ ଚାଷୀଙ୍କୁ ୧୦ ହଜାର ଟଙ୍କା ସହାୟତା ଦେବାପାଇଁ ଘୋଷଣା କରିଥିବା ବେଳେ ଏବେ ଦୁଇଟି କିସ୍ତିରେ ମୋଟ ୪ ହଜାର ଟଙ୍କା ଦେଉଛନ୍ତି। ଅନୁରୂପ ଭାବେ କେନ୍ଦ୍ର ସରକାର ତିନୋଟି କିସ୍ତିରେ ବର୍ଷକୁ ୬ ହଜାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ଓଡ଼ିଶାର ୭୫ ଲକ୍ଷ ଚାଷୀଙ୍କ ମଧ୍ୟରୁ ୩୯ ଲକ୍ଷ ଚାଷୀଙ୍କୁ ପିଏମ କିଷାନରେ ଅନ୍ତର୍ଭୁକ୍ତ କରିଛନ୍ତି। ତେବେ ରାଜ୍ୟର ଆଉ ୨୨ ଲକ୍ଷ ଏବଂ କେନ୍ଦ୍ରର ୩୬ ଲକ୍ଷ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିନାହାନ୍ତି କାହିଁକି ବୋଲି ଶ୍ରୀ ପଟ୍ଟନାୟକ ଉଭୟ ସରକାରଙ୍କଠାରେ ଶ୍ୱେତପତ୍ର ପ୍ରକାଶ ପାଇଁ ଦାବୀ କରିଛନ୍ତି। ବିଜେଡ଼ି ସରକାରର ୨୨ ବର୍ଷ ଶାସନକାଳ ମଧ୍ୟରେ ରାଜ୍ୟରେ ବଡ଼ଚାଷୀ, କ୍ଷୁଦ୍ର ଓ ମଧ୍ୟମ, ନାମମାତ୍ର, ଭାଗଚାଷୀ, କୃଷି ଶ୍ରମିକ ଓ କୃଷିଜୀବି ମହିଳାଙ୍କ ସଂଖ୍ୟା କେତେ ଏହାର ତାଲିକା ପ୍ରସ୍ତୁତ କରାଯାଇପାରିଲା ନାହିଁ। ରାଜ୍ୟର ମୋଟ ଜନସଂଖ୍ୟାର ୭୦ ପ୍ରତିଶତ ହେଲେ ଚାଷୀ। ତଦନୁଯାୟୀ ସରକାର ବାଦ୍ ପଡ଼ିଥିବା ଚାଷୀଙ୍କୁ କାଳିଆ ଏବଂ ପିଏମ୍ କିଷାନ ଯୋଜନାରେ ତୁରନ୍ତ ଅନ୍ତର୍ଭୁକ୍ତ କରିବା ସହ ବାସ୍ତବ କ୍ଷେତ୍ରରେ ଚାଷୀର ଆୟ ବୃଦ୍ଧି ପାଇଁ ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବୀ କରିଛନ୍ତି। ନଚେତ୍ ଆଗାମୀ ଦିନରେ କିଷାନ କଂଗ୍ରେସ ପକ୍ଷରୁ ଉଭୟ ସରକାରଙ୍କ ବିରୁଦ୍ଧରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ଲୁହା ପ୍ଲେଟ ଚୋରି ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାଲିକୁଦିଆ ଠାରେ ନିର୍ମାଣାଧିନ ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୁହାପ୍ଲେଟ୍ ଚୋରୀ ଘଟଣାରେ ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବାଲିକୁଦିଆ ଅଂଚଳର ପ୍ରଦୀପ ମଲିକ ବୋଲି ଜଣାଯାଇଛି। ସୂଚନା ମୁତାବକ ଗତକାଲି ରାତିରେ କିଛି ଦୁର୍ବୃତ୍ତ ବାଲିକୁଦିଆ ଠାରେ ନିର୍ମାଣାଧିନ ମେଗାପାନୀୟ ଜଳ ଯୋଗାଣ ପ୍ରକଳ୍ପ ସାଇଟରେ ପସି ଲୁହା ପ୍ଲେଟ ଚୋରୀ କରିନେଇଥିଲେ। ଏନେଇ କମ୍ପାନୀର କର୍ମଚାରୀ ଚନ୍ଦନ କୁମାର ଧଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୨୪୫/୨୨ରେ ଏକ କେଶ ରୁଜୁ କରି ତଦନ୍ତ ଚଳାଇ ବାଲିକୁଦିଆ ଗ୍ରାମର ପ୍ରଦୀପକୁ ଗିରଫ କରିବା ସହ ତା' ନିକଟରୁ ଚୋରୀ ହୋଇଥିବା ୮୦ କେଜି ଲୁହା ପ୍ଲେଟ ଜବତ କରିଛି। ଅଭିଯୁକ୍ତ ପ୍ରଦୀପକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ଏବଂ ଏହି ଚୋରୀ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଭାଉଜଙ୍କୁ ଅସଦାଚରଣ, ଦିଅର ଗିରଫ

ଧର୍ମଶାଳା (ପିଏନ୍): ନିଜ ଭାଉଜଙ୍କୁ ଅସଦାଚରଣ ଓ ଝିଆରୀକୁ ମାଡ଼ମାରିବା ଅଭିଯୋଗରେ ଧର୍ମଶାଳା ଥାନା ଅନ୍ତର୍ଗତ ସୁନ୍ଦୁରିଆ ଗ୍ରାମର ସେକ୍ ସମଦ୍ (୨୭)କୁ ପୁଲିସ୍ ଗିରଫ କରିଛି। ଭାଉଜଙ୍କ ଏତଲାକ୍ରମେ ଏକ ମାମଲା ରୁଜୁ କରି ପୁଲିସ୍ ଦିଅର ସମଦ୍‌କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଜାମିନ୍ ନାମଂଜୁର ହେବାରୁ ସମଦ୍‌କୁ ରଗଡ଼ି ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଛି।

## ୪ ୱାରେଣ୍ଟି ଗିରଫ

ଧର୍ମଶାଳା (ପିଏନ୍): ବିଭିନ୍ନ ମାମଲାରେ ଫେରାର୍ ଥିବା ୪ଜଣ ୱାରେଣ୍ଟିଙ୍କୁ ଧର୍ମଶାଳା ଥାନା ପୁଲିସ୍ ଗିରଫ କରଛି। ଗିରଫ ନରସିଂହପୁର ଗ୍ରାମର ସୁଦର୍ଶନ ସାହୁଙ୍କ ପତ୍ନୀ ଗୀତାଂଜଳି ସାହୁ, ପୁଅ ସିପୁନ୍ ସାହୁ, ନେଉଳପୁର ଗ୍ରାମର ସେକ୍ ନଇମତ୍ ଓ ମହମ୍ମଦ ଇବ୍ରାହିମ୍‌ଙ୍କୁ ପୁଲିସ୍ ଗତକାଲି ଚଣ୍ଡିଖୋଲ ଚାଲାଣ କରିଥିବା ଜଣାପଡ଼ିଛି।

## ଟିପର ଚୋରି ଅଭିଯୋଗ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାରକଣା ଗାଁ ନିକଟରୁ ଏକ ଟିପର(ଟ୍ରକ୍) ଗାଡି ଚୋରୀ ହୋଇଥିବା ନେଇ ଜେନାପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ବାରକଣା ଗ୍ରାମର ମୋହନ ସାହୁଙ୍କ ପୁଅ ଚଳାଉଥିବା ଓଆର ୦୪-ଇ-୧୩୧୮ ନଂ ଟିପର ଗାଡିକୁ ଗତକାଲି ତାଙ୍କପୁଅ ଗାଁ ନିକଟରେ ରଖି ରାତିରେ ଘରେ ଶୋଇପଡିଥିବା ବେଳେ କେହି ଦୁର୍ବୃତ୍ତ ରାତିରେ ଟିପରଟିକୁ ଚୋରୀ କରିନେଇଥିବା ସକାଳେ ଜଣାପଡିଥିଲା। ଏନେଇ ମୋହନ ଜେନାପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଜେନାପୁର ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ସତ୍‌ସଙ୍ଗର ଆହ୍ୱାନ-ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ



ସତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ-ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ – ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି – ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ – ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରିହିଁ ପରବର୍ତ୍ତୀଙ୍କର ଆବିର୍ଭାବ। ସମଗ୍ର ମାନବ ଜାତିକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହ୍ୱାନ ଦେଇ କହିଲେ – ସର୍ବପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ଼ ଯେତେ ଶୀଘ୍ରପାର ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ। ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ। ହଟି ଯିବାଟା ବରଂ ଦୁର୍ବଳତା ନୁହେଁ କିନ୍ତୁ ଚେଷ୍ଟା ନକରିବା ହିଁ ଦୁର୍ବଳତା। ତୁମେ କୌଣସି କିଛି କରିବାକୁ ପ୍ରାଣପଣେ ଚେଷ୍ଟା କରି ମଧ୍ୟ ଯଦି ବିଫଳ ମନୋରଥ ହୁଅ, କ୍ଷତି ନାହିଁ ତୁମେ ଛାଡ଼ ନାହିଁ ଏହି ଅମ୍ଳାନ ଚେଷ୍ଟା ହିଁ ତୁମକୁ ମୁକ୍ତି ଆଡ଼କୁ ନେଇଯିବ। ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ। ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ – ହେ ପିତା, ମୁଁ ତୁମରି ସନ୍ତାନ; ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ି ଯିବିନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛକରି ଅନ୍ଧକାର ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କାଞ୍ଚନ ପ୍ରତି ଆସକ୍ତିରୁ ଆସେ। ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। ପ୍ରତ୍ୟେକଙ୍କ ମା' – ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକକୁ ଛୁଇଁବା ଅନୁଚିତ – ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ଧର୍ମର ସର୍ବସମନ୍ୱୟୀ ବ୍ୟାଖ୍ୟାରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଲେ-ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁ ଗୁଡ଼ିକ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତ ପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ- ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ।

ସତ୍‌ସଙ୍ଗ ଚାହେଁ ଭାରତ ଏକ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ରାଷ୍ଟ୍ର ହେଉ। ଆମେ କଂଗ୍ରେସ ମୁକ୍ତ ଭାରତ ଚାହୁଁନା, ବା ସଂଘ ମୁକ୍ତ ଭାରତ ଚାହୁଁନା। ଆମେ ଚାହୁଁ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଉଦାତ୍ତ କଣ୍ଠରେ ଗାଇ ଉଠିଲେ – 'ଆର୍ଯ୍ୟ ଭାରତ ବର୍ଷ ମୋର, ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା, ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ, ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ, ମୃତ୍ୟୁ ବିଜୟ ଦାୟିନୀ! ହୋମର ଅନଳ ନାଚେ ଛଳ ଛଳ, ବହେ ସରସ୍ୱତୀ ସିନ୍ଧୁ ପ୍ରବଳ, ଦୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ, ସ୍ଫୁରିତ ଇନ୍ଦୁ ସ୍ମିତ ଟଳ ଟଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ, ତୁଙ୍ଗ ଧବଳ କିରୀଟିନୀ, ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର, ପୁରୁଷୋତ୍ତମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର, ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଲକି ସର୍ତ୍ତା ଏକଟି ତନ୍ତ୍ର, ଭାରତ ବିଶ୍ୱ ରତାୟିନୀ'। ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚିତ୍ତରେ ଘୋଷଣା କଲେ – ତୁମେ, ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଦାୟୀ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଜୁନ୍ ୧୫**

# ପ୍ରିଜନ ମ୍ୟାନେଜମେଣ୍ଟ ସିଷ୍ଟମରେ କଏଦୀଙ୍କ ଅପରାଧ କୁଣ୍ଡଳୀ



ପୁଷ୍ପମିତ୍ର ମହାପାତ୍ର

ଅପରାଧ ଏଭଳି ଏକ ଶବ୍ଦ ଏହାର କୌଣସି ସରଳ ଓ ସାର୍ବଭୌମିକ ସ୍ୱୀକୃତ ରୂପ ନାହିଁ। ଏହା ଏକ ଦଣ୍ଡନୀୟ ସମାଜ ବିରୋଧୀ କାର୍ଯ୍ୟ। ସମାଜ ଓ ଆଇନ ଦ୍ୱାରା ନିର୍ଦ୍ଧାରିତ ଆଚରଣ ବିଧି ଉଲ୍ଲଂଘନ କରିବା ବା ଏହାକୁ ଅବମାନନା କରିବା ଦଣ୍ଡନୀୟ। ଅପରାଧୀକୁ ଆଇନ ଅନୁଯାୟୀ ନିର୍ଦ୍ଧାରିତ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି। ହତ୍ୟା, ଦୁଷ୍କର୍ମ, ଚୋରି, ଡକାୟତି, ଦୁର୍ନୀତି, ଅସାମାଜିକ କାର୍ଯ୍ୟକଳାପ ଗୋଟିଏ ଗୋଟିଏ ଅପରାଧିକ କାର୍ଯ୍ୟ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ବିଭିନ୍ନ ବିଭାଗ ଓ ଆଇନ ରହିଛି। ଏହି ଆଇନ ଅନୁଯାୟୀ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ। ତଥାପି ଦିନକୁ ଦିନ ସମାଜରେ ବଢ଼ିବାରେ ଲାଗିଛି ଅପରାଧ ଘଟଣା। ଅପରାଧ ଏକ ସାମାଜିକ ବ୍ୟାଧି। ସମାଜରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଅପରାଧ ସଂଖ୍ୟା। ଏହି କାର୍ଯ୍ୟକଳାପ ଯୋଗୁଁ ନାନା ପ୍ରକାର ସାମାଜିକ ବିଶୃଙ୍ଖଳା ମଧ୍ୟ ସୃଷ୍ଟି ହେଉଛି। ଏହାର କାରଣ ଗୁଡ଼ିକ ଖୋଜିଲା ବେଳକୁ ଆମ ସାମ୍ନାରେ ପାରିବାରିକ ଓ ସାମାଜିକ ହିଂସା ବିଶୃଙ୍ଖଳାର ଚିତ୍ର ସବୁ ଆସିଥାଏ। ଦିନକୁ ଦିନ ଉଦବେଗଜନକ ଭାବେ ଚୋରି, ଡକାୟତି, ହତ୍ୟା, ଦୁଷ୍କର୍ମ ଓ ଦୁର୍ନୀତି ଭଳି ଅପରାଧିକ ଘଟଣା ସାମାଜିକ ପରିବେଶକୁ ବିଗାଡ଼ି ଦେଉଛି। ଅପରାଧକୁ ଦମନ ତଥା ନିୟନ୍ତ୍ରଣ କରିବା ନିମିତ୍ତ ପୁଲିସ ଓ ପ୍ରଶାସନ ରହିଛି। ଅପରାଧୀଙ୍କୁ ଦଣ୍ଡ ଦେବା ନିମିତ୍ତ ଆଇନ ପ୍ରଣୟନ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଦୋଷୀମାନଙ୍କୁ କଠୋର ଦଣ୍ଡ ମଧ୍ୟ ପ୍ରଦାନ କରାଯାଉଛି। ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି ଅପରାଧୀ। ପୁଲିସ ଆଖିରେ ଧୂଳି ଦେଇ ବର୍ଷ ବର୍ଷ ଧରି ଫେରାର ହୋଇଯାଉଛନ୍ତି। ତେବେ ଅପରାଧୀ ଯେତେ ଚାଲାକ ହେଲେ ମଧ୍ୟ କିଛି ନା କିଛି ସୁରାକ ଛାଡ଼ି ଯାଇଥାଏ। ଆଉ ସେଇ ସୁରାକ ଆଧାରରେ ପୁଲିସ ପହଞ୍ଚିଥାଏ ଅପରାଧୀ ପାଖରେ। ତେବେ ଏସବୁ ଭିତରେ ସୂଚନା ପ୍ରଯୁକ୍ତି ବିଦ୍ୟାର ସାହାଯ୍ୟରେ ବିଶେଷକରି ଜେଲ ବିଭାଗରେ ଅପରାଧୀ ମାନଙ୍କୁ କେବଳ ଚିହ୍ନଟ କରିବା ପାଇଁ ନୁହେଁ ବରଂ ସେମାନଙ୍କ ସାମଗ୍ରୀକ ତଥା ସୂଚନାଭିତ୍ତିକ ତଥ୍ୟ ରଖାଯିବାର ବ୍ୟବସ୍ଥା କରାଯାଇଛି। ଅନ୍ୟ ବଡ଼ ବଡ଼ ଦେଶରେ ପ୍ରିଜନ ମ୍ୟାନେଜମେଣ୍ଟ ସିଷ୍ଟମ ଭଳି ଓଡ଼ିଶାର ବିଭିନ୍ନ ଜେଲରେ କରାଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୨ଟି ସମ୍ବେଦନଶୀଳ ଜେଲରେ ଏହି ବ୍ୟବସ୍ଥା କରାଯିବାର ବ୍ୟବସ୍ଥା ହେଉଛି। ରାଜ୍ୟ ସରକାର ଜେଲ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ନୂଆ ନୂଆ ଟେକ୍ନୋଲୋଜି ଜେଲ ବ୍ୟବସ୍ଥାରେ ଲାଗୁ କରୁଛନ୍ତି। ପୂର୍ବରୁ କଏଦୀଙ୍କ ଗୋଡ଼ରେ ଜିପିଏସ ଲାଗିବା ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଥିବାବେଳେ ବର୍ତ୍ତମାନ ଆଉ ଏକ ନୂଆ ଟେକ୍ନୋଲୋଜି ଯୋଡ଼ି ହେବାକୁ ଯାଉଛି।

ତେବେ ଅନେକଙ୍କ ଭିତରେ ଏହି ଟେକ୍ନୋଲୋଜି ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ରହିବା ସ୍ୱାଭାବିକ। ମୁଖ୍ୟକଥା ହେଉଛି ଏହି ବ୍ୟବସ୍ଥା ଜେଲରେ ଏକ ସଫ୍ଟୱେର ଆପ୍ଲିକେସନ ଦ୍ୱାରା କାର୍ଯ୍ୟକାରୀ ହେବ। ପୁଲିସ ବିଭାଗର ସିସିଟିଏନଏସ ପରି ଜେଲ ବିଭାଗର ପ୍ରିଜନ ମ୍ୟାନେଜମେଣ୍ଟ ସିଷ୍ଟମ କଏଦୀଙ୍କ ସମସ୍ତ କୁଣ୍ଡଳୀ ରହିବ। ଯେଉଁଥିରେ ମୁଖ୍ୟତଃ ଜେଲରେ ରହୁଥିବା କଏଦୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଏବଂ ଜେଲରେ କାର୍ଯ୍ୟ କରୁଥିବା ୱାର୍ଡ଼ରମାନଙ୍କ ତଥ୍ୟ ମଧ୍ୟ ରହିବ। ଯାହାଦ୍ୱାରା ଅକସ୍ମାତ ଭୁଲବଶତଃ କୌଣସି କଏଦୀ ସମାନ ନାମ ଥିଲେ ମଧ୍ୟ ଖସିପାରିବେ ନାହିଁ। ଗତବର୍ଷ ତଳେ ଝାରପଡ଼ା ଜେଲରେ ସମାନ ନାମ ଥିବା ଅନ୍ୟ ଜଣେ ବ୍ୟକ୍ତି ଜାମିନ ପାଇଥିଲେ। ପ୍ରକୃତ ଜାମିନ ପାଇଥିବା ବ୍ୟକ୍ତି ମୁକୁଳିପାରି ନଥିଲେ। ସେତେବେଳେ ଏହି ଖବରଟି ସାଧାରଣରେ ଆଲୋଡ଼ନ ସୃଷ୍ଟି କରିବା ସହ ଜେଲର ସୂଚନା ଓ ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନ ଉଠିଥିଲା। ତେବେ ଏ ବ୍ୟବସ୍ଥା ଲାଗୁ ହେବାପରେ ଏଭଳି ତ୍ରୁଟି ଆଉ ହେବନାହିଁ। ଏହି ଆପ୍ଲିକେସନ କେବଳ ଜେଲର ଖୋଲିପାରିବେ। ତାଙ୍କୁ ଏକ ଆଇଡ଼ି ଏବଂ ପାସୱାର୍ଡ଼ ଦିଆଯିବ। ସେ ଏହାକୁ ଲଗଇନ କରି ଖୋଲି ସମସ୍ତ ତଥ୍ୟ ଦେଖିପାରିବେ ଏବଂ ଯୋଡ଼ି ପାରିବେ। ଆହୁରି ମଧ୍ୟ ଜେଲରେ କଏଦୀଙ୍କ ନାମ, ଠିକଣା, ତାଙ୍କର ଅପରାଧ, ସଜା ସମ୍ପର୍କରେ ତଥ୍ୟ ଯୋଡ଼ି ପାରିବେ। ଯାହାଦ୍ୱାରା ଯେକୌଣସି କଏଦୀଙ୍କ ସାମଗ୍ରୀକ ତଥ୍ୟ ଜେଲ ଦାୟିତ୍ୱ ନେଇଥିବା ନୂତନ ଜେଲର ହୁଅନ୍ତୁ କମ୍ବା ଉଚ୍ଚ ଅଧିକାରୀ କୌଣସି ତଥ୍ୟ ଜାଣିବାକୁ ଚାହିଁଲେ ଆଇଡ଼ି ଲଗଇନ କରି ସହଜରେ ଜାଣିପାରିବେ। ଆହରି ମଧ୍ୟ ଏଥିରେ ଜେଲର ୱାର୍ଡ଼ରମାନଙ୍କ ଡ୍ୟୁଟି ସିଫ୍ଟ ମଧ୍ୟ ଲେଖିପାରିବେ। ଯଦି କୌଣସି ୱାର୍ଡ଼ରଙ୍କ ନାମରେ ଅଭିଯୋଗ ଆସେ ତାହା ମଧ୍ୟ ଏଥିରେ ଅପଡେଟ କରିପାରିବେ। ୱାର୍ଡ଼ର କେତେ ବର୍ଷ ନିର୍ଦ୍ଦିଷ୍ଟ ଜେଲରେ ରହିବେ, ଏବଂ କେଉଁ ଜେଲରୁ ଗଲେ ତାହା ଏଥିରେ ତଥ୍ୟ ରହିବ। ଯଦି କୌଣସି କଏଦୀଙ୍କ ନାମରେ ଏଫଆଇଆର କରିବାକୁ ଚାହିଁଲେ ଏହି ବ୍ୟବସ୍ଥାରେ ଜେଲର କରିପାରିବେ। ଏହି ବ୍ୟବସ୍ଥା ଦ୍ୱାରା ଉଚ୍ଚ ଅଧିକାରୀ ଜେଲ ପରିଚାଳନା କାର୍ଯ୍ୟ ସଠିକ ଢ଼ଙ୍ଗରେ ଓ ନିର୍ଘଣ୍ଟ ଭିତରେ ପରିଚାଳିତ ହେଉଛି କି ନାହିଁ ଓ ଏହି ତଥ୍ୟ ସବୁ ଅପଡେଟ ହେଉଛି କି ନାହିଁ ଏ ନେଇ ଉଚ୍ଚ ଅଧିକାରୀ ନିଜେ ନିରୀକ୍ଷଣ କରିବା ସହ ସେମାନେ ଏହା ଉପରେ ଦୃଷ୍ଟି ମଧ୍ୟ ଦେଇପାରିବେ। ଏହି ବ୍ୟବସ୍ଥା ପାଇଁ ତାଙ୍କ ପାଖରେ ଅନ୍ୟ ଏକ ଆଇଡି ଓ ପାସୱାର୍ଡ଼ ରହିବାର ବ୍ୟବସ୍ଥା ରହିଛି। ସେହିପରି ଜେଲରେ ଦଣ୍ଡ ଶେଷ ହେବା ପରେ କୌଣସି କଏଦୀ ସାଧାରଣ ଜୀବନ ବିତାଇବା ନିମିତ୍ତ ବାହାରକୁ ଯାଉଥିଲେ ମଧ୍ୟ ସେ ସମ୍ବନ୍ଧୀୟ ତଥ୍ୟ ଏଥିରେ ଉପଲବ୍ଧର ବ୍ୟବସ୍ଥା ରହିଛି। ତାଙ୍କ ଜେଲକୁ ଆସିଥିବା ସମୟ, ଦଣ୍ଡର କାରଣ ଓ ଠିକଣା ତଥା ଆଚରଣ ଓ ମନୋଭାବ ଏ ସବୁ କିଛି ସ୍ପଷ୍ଟ ଉଲ୍ଲେଖ ରହିବ। ତେବେ ଯେଉଁମାନେ ଗ୍ୟାଙ୍ଗଷ୍ଟାର, କୁଖ୍ୟାତ ଓ ପେଷାଦାର ଠକ ତଥା ଯେଉଁମାନେ ପେଷାଦାର ଅପରାଧି ସେମାନଙ୍କ ସୂଚନାଭିତ୍ତିକ ତାଲିକା ଅଲଗା ରହିବାର ବ୍ୟବସ୍ଥା ହୋଇଛି। କଏଦୀମାନେ ପାରୋଲରେ ଯାଉଥିଲେ ଏ ନେଇ ସବିଶେଷ ତଥ୍ୟ ରହିବା ସହ କେସ ଫାଇଲ ଏହା ସହିତ ମଧ୍ୟ ସଂଲଗ୍ନ ହେବ। ଏହି ବ୍ୟବସ୍ଥାରେ ଅତ୍ୟାଧୁନିକ ଟେକ୍ନୋଲୋଜିର ସହାୟତା ନିଆଯାଇ ବହୁ ସଂଖ୍ୟକ ରେକର୍ଡ଼ ରଖିବାର କ୍ଷମତା ରଖାଯାଇଛି ଯାହାକି କୌଣସି କାରଣ ବଶତଃ ଯେପରି ଡିଲିଟ ମଧ୍ୟ ନହୁଏ ସେ ଦିଗକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ନୂତନ ବ୍ୟବସ୍ଥା ଦ୍ୱାରା କାଗଜ ଖର୍ଚ୍ଚ ବଞ୍ଚିଯିବ ଏବଂ ହାତ ପାହାନ୍ତାରେ ସମସ୍ତ ତଥ୍ୟ ରହିବା ସହ ଫାଇଲ ହଜିବାର ସମ୍ଭାବନା ଆଉ ରହିବ ନାହିଁ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ, ଦୂରଭାଷ : ୯୪୩୭୨୨୫୬୮୯*

# ପାର୍ବଣର ରାଣୀ ରଜ



ହିମାଂଶୁ ଶେଖର ଆଚାର୍ଯ୍ୟ

ଓଡିଶାରେ ପାଳନ କରାଯାଉଥିବା ପର୍ବମାନଙ୍କ ମଧ୍ୟରେ ରଜ ଏକ ପ୍ରମୁଖ ପର୍ବ । ଏହାକୁ 'ପାର୍ବଣର ରାଣୀ' ବୋଲି କୁହାଯାଏ । ଅନ୍ୟାନ୍ୟ ପର୍ବମାନଙ୍କ ପରି ଏଥିରେ କୌଣସି ଦେବାଦେବୀଙ୍କୁ ପୂଜା କରାଯାଏ ନାହିଁ। ତଥାପି ରଜରେ ଦୋଳିଖେଳର ଆସର, ଗାଁ ଦାଣ୍ଡର ସେଇ କବାଡି ଖେଳ, ତାସଖେଳ, ରଜପାନ ଓ ଘରେ ଘରେ ପ୍ରସ୍ତୁତ ହେଉଥିବା ପୋଡପିଠା ସମସ୍ତଙ୍କୁ ତିନିଦିନ କାଳ ଏକ ନୂଆ ଦୁନିଆ ଭିତରେ ହଜାଇ ଦିଏ । ସ୍ନେହ ସୌହାର୍ଦ୍ଦ୍ୟ ଓ ଭାଇଚାରା ମଧ୍ୟରେ ସାମାଜିକ ଭି ିଭୂମିକୁ ଦୃଢକରେ । ଆତ୍ମୀୟତା ଓ ବୁଝାମଣାର ବାତାବରଣ ସୃଷ୍ଟି କରେ । ତେଣୁ, ଏହି ଗଣପର୍ବ ରଜକୁ ଓଡିଶାବାସୀ ଉତ୍କଣ୍ଠା ଓ ଆବେଗର ସହ ଅପେକ୍ଷା କରିଥାନ୍ତି । ଏହି ପର୍ବଟି ମୁଖ୍ୟତଃ ଝିଅମାନଙ୍କର ପର୍ବ। ତଥାପି ପୁଅମାନେ ମଧ୍ୟ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ଆଗେଇ ଆସିଥାନ୍ତି ।

ଆମ ସଂସ୍କୃତି, ପରମ୍ପରା ଓ ଚଳଣିର ନିଛକ ପ୍ରତୀକ ହେଉଛି ରଜପର୍ବ । ପ୍ରକୃତି ସହିତ ଜୀବନକୁ ସରସ ସୁନ୍ଦର କରିବାର ସୁଯୋଗ ଦେଉଥିବା ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ଦୋଳିଖେଳ । ରଜଦୋଳି ସହିତ ରଜଗୀତର ମଜା ନିଆରା । ରଜଦୋଳିରେ ବସିବା ମାତ୍ରେ ପ୍ରତ୍ୟେକ ଓଡିଆ ଝିଅଙ୍କ କଣ୍ଠରୁ ଆପେ ଆପେ ବାହାରି ଆସେ –

"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜ
ଆସିଛି ରଜଲୋ ...
ଘେନି ନୂଆ ସଜବାଜ ।"

ରଜଦୋଳିରେ ବସି କୁଆଁରୀମାନଙ୍କ ସୁଲଳିତ କଣ୍ଠରୁ ଭାସି ଆସୁଥିବା ଏହି ଗୀତ ମନେ ପକାଇଦିଏ ରଜମଉଜକୁ। ପାର୍ବର ରାଣୀ ସେ । ଭରିଦିଏ କୁଆଁରୀ ମନରେ ଅଫୁରନ୍ତ ଆନନ୍ଦ । ଦୋଳିର କଟମଟ ଶବ୍ଦରେ ପ୍ରକମ୍ପିତ ହୁଏ ଗାଁତୋଟା । ବିଶେଷକରି ପଟା ଦୋଳିରେ ଦୁଇସାଙ୍ଗ ପେଙ୍ଗାମାରି ଦୋଳିକୁ ଉପରକୁ ଉଠାଇବା ଦୃଶ୍ୟ ବେଶ୍ ଉପଭୋଗ୍ୟ ହୁଏ । ତା'ସାଙ୍ଗକୁ ପୁଣି କୁଆଁରୀ କଣ୍ଠରୁ ଶୁଭେ –

"ରଜଦୋଳି କଟମଟ
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ
ସୁନା ମୁକୁଟ ଲୋ .....
ଦିଶୁଥାଏ ଝଟଝଟ ।"

ଆଜି କିନ୍ତୁ ସେ ଦୋଳି ନାହିଁ କି ସେ ଗୀତ ନାହିଁ । ଶୁଣାଯାଉନି ସେଇ କେଁକଟର ଶବ୍ଦ । ସବୁଠି ଯେପରି ଗୋଟିଏ ବ୍ୟତିକ୍ରମର ଆବହାୱା ।

ଉତ୍କଳୀୟ ପରମ୍ପରାରେ ବାରମାସରେ ତେର ପର୍ବ ପାଳନ କରାଯାଏ । ଓଡିଶାର ପର୍ବ ବିଭିନ୍ନ ପରମ୍ପରାର ପ୍ରତିନିଧିତ୍ୱ କରିଥାଏ । ଏପରି ଏକ ପର୍ବ ହେଉଛି ରଜ ଯାହା ମାଟି ସହ ମଣିଷକୁ ଯୋଡିଥାଏ । କାରଣ କନ୍ୟାଟି ରଜୋବତୀ ହେଲେ ଯେପରି ଭାବରେ ବ୍ୟବହାର ପାଇଥାଏ ଠିକ୍ ସେହିପରି ଏହି ରଜପର୍ବରେ ଆମର ଧରଣୀମାତାଙ୍କୁ ସେପରି ବ୍ୟବହାର ଦେଖାଯାଏ । ତେଣୁ ରଜସ୍ୱଳା ନାରୀ ପରି ମାଟି ମା'କୁ ଏହି ସମୟରେ ବିଶ୍ରାମ ଦିଆଯାଏ । ଉଦ୍ଦେଶ୍ୟ ହେଲା, ନାରୀମାନେ ରଜସ୍ୱଳା ପରେ ଯେପରି ସନ୍ତାନ ସୃଷ୍ଟି ପାଇଁ ସକ୍ଷମ ହୋଇଥାନ୍ତି, ଠିକ୍ ସେହିପରି ଆଦ୍ୟ ଆଷାଢର ବାରିପାତରେ ମାତା ବସୁଧା ଫସଲ ଉତ୍ପାଦନ ପାଇଁ ସକ୍ଷମ ହୋଇଥାଏ । ଜ୍ୟେଷ୍ଠ ମାସର ଶେଷଦିନକୁ ପହିଲି ରଜ, ଆଷାଢ ମାସର ପ୍ରଥମ ଦିନଟି ରଜସଂକ୍ରାନ୍ତି ଓ ତାପର ଦିନକୁ ଭୂଇଁ ନଅଁଣ ବା ଭୂମିଦହନ କୁହାଯାଏ । ଚତୁର୍ଥଦିନ ବସୁମତି ସ୍ନାନ ପାଳନ ପରେ ଏହି ପର୍ବ ଶେଷ ହୁଏ । ରଜପର୍ବରେ ପୋଡପିଠାର ମଜା ନେବାକୁ କେହି ଭୁଲନ୍ତି ନାହିଁ । ଘରେ ଘରେ ରଜ ପୋଡପିଠା ପ୍ରସ୍ତୁତ ହୁଏ । ଏଇ ପୋଡପିଠା ବେଶ୍ ରୁଚିକର । ପିଠା ତିଆରି କରାଯାଇ ବନ୍ଧୁବାନ୍ଧବ ଓ ସାଇପଡିଶାଙ୍କୁ ଦିଆଯାଇଥାଏ । ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଏହି ପୋଡପିଠା ସବୁଦିନେ ଭୋଗ ହେବାର ବିଧି ଅଛି । ସେହିପରି ନୂଆ ବିବାହିତା ଝିଅମାନଙ୍କ ଶାଶୁଘରୁ ରଜଭାର ଆସିଥାଏ । ରଜପର୍ବରେ ରଜପାନ ନଥିଲେ ସବୁକିଛି ମାନ୍ଦାମାନ୍ଦା ଲାଗେ । ମୁଖ୍ୟତଃ ରଜରେ କେହି କୁଣିଆ ଆସିଲେ ନବବଧୂମାନେ ପାନଥାଳି ଧରି ରଜପାନ ଦେବାର ବିଧି ରହିଛି । ସେ ଛୋଟ ଝିଅଟିଏ ହେଉ କି ପରିଣତ ବୟସରେ ଉପନୀତ ହୋଇଥିବା ବୁଢାବୁଢୀ ସମସ୍ତଙ୍କ ପାଟିରେ ରଜପାନ । ତାସଖେଳ ହେଉ କି ଲୁଡୁଖେଳ, ସବୁଠି ରଜପାନର ଆସର । ରଜଦୋଳି ଯେପରି ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ ସେହିପରି ପୁଅମାନେ କବାଡି ଖେଳିବା ପରମ୍ପରା କାହିଁ କେତେକାଳରୁ ଚଳିଆସୁଛି । ଗାଁ ପଡିଆରେ କବାଡି ଖେଳ ଦେଖିବା ପାଇଁ ଗ୍ରାମବାସୀ ବେଶ୍ ଭିଡ ଜମାଇଥାନ୍ତି । କବାଡି ପ୍ରତିଯୋଗିତା ଜିତିବା ପାଇଁ ଗାଁ ଗାଁ ମଧ୍ୟରେ କବାଡି ପ୍ରତିଯୋଗିତା ଚାଲେ । ରଜ ସମୟରେ ଏଭଳି ପ୍ରତିଯୋଗିତା ଲୋକଙ୍କ ମଧ୍ୟରେ ଏକତା ସୃଷ୍ଟି କରେ । ରଜ ହେଉଛି ଏକ ଆନନ୍ଦମୟ ପର୍ବ । ଆବାଳବୃଦ୍ଧବନିତା ସମସ୍ତଙ୍କ ମନପ୍ରାଣରେ ଏହା ଉଲ୍ଲାସ ଭରିଦିଏ । ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବୃଦ୍ଧି କରିବାରେ ରଜପର୍ବର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରଜପର୍ବ ପୂର୍ବ ଓଡିଶାରେ ତିନିଦିନ ଧରି ପାଳନ କରାଯାଉଥିବା ବେଳେ ପଶ୍ଚିମ ଓଡିଶାରେ ଏହା ପା ଦିନ ଧରି ପାଳନ କରାଯାଏ । ତେଣୁ ଏହାକୁ ପ ପର୍ବ ମଧ୍ୟ କୁହାଯାଏ । ଏହି ପର୍ବ ଖାଲି ଓଡିଶାରେ ନୁହେଁ, କେରଳରେ 'ଓନାମ୍' ଓ ରାଜସ୍ଥାନରେ 'ତାଜ୍' ପର୍ବ ଭାବରେ ପାଳନ କରାଯାଏ । ସେ ଦୃଷ୍ଟିରୁ ରଜପର୍ବକୁ ଏକ ଅବସର ବିନୋଦନ ପର୍ବ କହିଲେ ଭୁଲ୍ ହେବନାହିଁ । କିନ୍ତୁ ଆଧୁନିକତାର ଛାପରେ ଧୀରେଧୀରେ ଏହି ଗଣପର୍ବ ତା'ର ସ୍ମୃତିଚିହ୍ନ ହରେଇବାକୁ ବସିଲାଣି । ବିଜ୍ଞାନର ଅଗ୍ରଗତି ଓ ସଭ୍ୟତାର ବିକାଶ ସାଙ୍ଗକୁ ଅବକ୍ଷୟମୁଖୀ ସଂସ୍କୃତି ଭିତରେ ରଜପର୍ବ ତାର ଚମକ ହରାଉଛି । ବିଦେଶରେ ରହୁଥିବା ଲୋକମାନେ ଏବେ ରଜରେ ଗାଁକୁ ଆସିବାକୁ ଆଗ୍ରହ ଦେଖାଉନାହାଁନ୍ତି । ଟେଲିଭିଜନ, କମ୍ପ୍ୟୁଟର, ମୋବାଇଲ ଯୁଗରେ ଏବଂ କ୍ରିକେଟ୍ ଖେଳର ପ୍ରସାର ଓ ପ୍ରଚାରର ଭିଡ ଭିତରେ ଆଉ ପୂର୍ବଭଳି କବାଡି ଓ ବାଗୁଡି ଖେଳ ଦେଖିବାକୁ ମିଳୁନି । ଆଜିର ଆଧୁନିକ ନାରୀମାନେ ରଜ ସମୟରେ ଚୁଲିରେ କଦଳୀପତ୍ରରେ ପୋଡପିଠା ପ୍ରସ୍ତୁତ କରିବା ଅପେକ୍ଷା ଓଭାନ୍‌ରେ କାଜୁ କିସମିସ୍ ଦିଆ କେକ୍ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ଆଜିର ପାଠୋଇ ଝିଅମାନେ ରଜରେ ଗାଁ ବରଗଛ, ଆମ୍ବଗଛରେ ଦୋଳି ଖେଳିବା ଅପେକ୍ଷା ପାର୍କରେ ଲାଗିଥିବା ଦୋଳିକୁ ଅଧିକ ପସନ୍ଦ କରୁଛନ୍ତି । ଆଉ ରଜଦୋଳି ଗୀତ କଥା ନକହିବା ଭଲ ।ଏବେ ଚିନ୍ତା କରିବାର ବେଳ ଆସିଛି । ଅପସଂସ୍କୃତିର ପଶାପାଲିରୁ ଆମ ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବାକୁ ହେବ । ଅବଶ୍ୟ ଏବେ ଗାଁ ଗଣ୍ଡାରେ ଓ ସହରର କେତେକାଂଶରେ ରଜପର୍ବକୁ ଉଜ୍ଜୀବିତ ରଖିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । କେତେକ ସଂଗଠନ ଏଥିପାଇଁ ଆଗେଇ ଆସିଛନ୍ତି । ଓଡିଶାର ସଂସ୍କୃତିକୁ ବଜାୟ ରଖିବା ପାଇଁ ସେମାନଙ୍କ ତରଫରୁ ପୋଡପିଠା, କବାଡି, ରଜଦୋଳି ଓ ଗୀତ, ତାସଖେଳ ଇତ୍ୟାଦିର ପ୍ରତିଯୋଗିତା ଆୟୋଜନ କରାଯାଉଛି । କିଛି ପରିମାଣରେ ଏହା ଆମ ହଜିଯାଉଥିବା ପରମ୍ପରାକୁ ରକ୍ଷା କରିବାରେ ସକ୍ଷମ ହୋଇପାରିଛି । ସେଥିପାଇଁ ସେମାନେ ପ୍ରଶଂସାର ପାତ୍ର । ମାତ୍ର ଏହି ଅଭିଯାନରେ ଆମେ ସମସ୍ତେ ସାମିଲ ହେବା ଦରକାର ।

*ସଭାପତି*
*ସାରସ୍ୱତ ପରିଷଦ, ଜଗତସିଂହପୁର*
*ମୋ – ୯୯୩୭୧୫୧୦୫୨*

# ଦେଶବନ୍ଧୁ ଓ ଯୁଗବନ୍ଧୁ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଓ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ମଧ୍ୟରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଅନ୍ୟତମ । ବ୍ରିଟିଶ ଭାରତରେ ସେ ସ୍ୱରାଜ ଦଳର ସକ୍ରିୟ ସଦସ୍ୟ ଥିଲେ । ସେ ଅବିଭକ୍ତ ଭାରତବର୍ଷର ଢ଼ାକ୍କା (ବର୍ତ୍ତମାନର ବାଙ୍ଗଲାଦେଶ) ନିକଟବର୍ତ୍ତୀ ବିକ୍ରମପୁରରେ ଏକ ସଂଭ୍ରାନ୍ତ ବୈଦ୍ୟ ପରିବାରରେ ଜନ୍ମ ହୋଇଥିଲେ । ଇଂଲଣ୍ଡରେ ଆଇନ ଶିକ୍ଷା କରି ସେ ବାରିଷ୍ଟର ହୋଇଥିଲେ । ଆଲିପୁର ବୋମା ବିସ୍ଫୋରଣ ମାମଲାରେ ସେ ଶ୍ରୀ ଅରବିନ୍ଦଙ୍କ ପକ୍ଷରୁ ମାମଲା ପରିଚାଳନ କରି, ତାଙ୍କୁ ରକ୍ଷା କରିବାରେ ସଫଳ ହୋଇଥିଲେ । ଅସହଯୋଗ ଆନ୍ଦୋଳନରେ ଦେଶବନ୍ଧୁ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ବିଦେଶୀ ବସ୍ତ୍ରରେ ନିଆଁ ଲଗାଇଥିଲେ । ସେ ଫରୱାର୍ଡ଼ ନାମକ ଖବରକାଗଜ ପ୍ରକାଶ କରୁଥିଲେ । ପରେ ଏହାର ନାମ ବଦଳି ଲିବର୍ଟି ହୋଇଥିଲା । କଲିକତା ମହାନଗର ନିଗମର ସେ ଥିଲେ ପ୍ରଥମ ମେୟର୍ । ଭାରତୀୟ କଂଗ୍ରେସର ଗୟା ଅଧିବେଶନ ବେଳେ ଗାନ୍ଧିଜୀଙ୍କ ସହ ମତଭେଦ ଯୋଗୁଁ ସେ ସଭାପତି ପଦ ତଥା ଦଳ ତ୍ୟାଗ କରିଥିଲେ । ତାହା ପରେ ମୋତିଲାଲ ନେହେରୁ ଓ ହୁସେନ ଶାହିଦ ସୁହ୍ୱାଓ୍ୱର୍ଦୀଙ୍କ ସହ ମିଳିତ ଭାବେ ସ୍ୱରାଜ ଦଳ ପ୍ରତିଷ୍ଠା କରିଥିଲେ । ସେ ଅହିଂସାବାଦୀ ଥିଲେ ହେଁ କଠୋର ଆଭିମୁଖ୍ୟ ଯୋଗୁଁ ଗାନ୍ଧୀଙ୍କ ଠାରୁ ଦୂରେଇଯାଇଥିଲେ । ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ଆଧାତ୍ମିକ ଗୁରୁ ଯୁଗବନ୍ଧୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦିଗ୍‌ଦର୍ଶନରେ ଦେଶବନ୍ଧୁଙ୍କର ଜୀବନଶୈଳୀ ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇଥିଲା । ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ କନିଷ୍ଠ ଭ୍ରାତା ଶ୍ରୀ ବାରୀନ୍ ଘୋଷ ଦୀପାନ୍ତର ପରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସାହଚର୍ଯ୍ୟରେ ପାବନା ହିମାଇତପୁର (ବାଂଲାଦେଶ) ସତ୍‌ସଙ୍ଗ ଆଶ୍ରମରେ କିଛିଦିନ ଅବସ୍ଥାନ କରିଥିଲେ । ଶ୍ରୀ ଶ୍ରୀ ଠାକୁରଙ୍କର ଚରିତ୍ରର ମାଧୁର୍ଯ୍ୟ ଓ ଆଧାତ୍ମିକ ଆଳାପ ଆଲୋଚନାରେ ଶ୍ରୀ ବାରୀନ୍ ଘୋଷ ଅତ୍ୟନ୍ତ ମୁଗ୍ଧ ହୋଇଥିଲେ । ସତ୍‌ସଙ୍ଗରୁ ଫେରି ଶ୍ରୀ ବାରୀନ୍ ଘୋଷ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କ କଥା କହିଥିଲେ ଓ ଦେଶବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ 'ନାରାୟଣ' ପତ୍ରିକାରେ 'ସତ୍‌ସଙ୍ଗର ମଧୁଚକ୍ର' ନାମକ ଏକ ପ୍ରବନ୍ଧ ପ୍ରକାଶ କଲେ । ଯୁଗବନ୍ଧୁ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପ୍ରଥମ ସାକ୍ଷାତ ହୋଇଥିଲା କଲିକତା ମହାନଗରୀର ମାଣିକତଲାରେ ୧୯୨୪ ମସିହାର ମଇ ମାସରେ । ସତ୍ୟାଗ୍ରହ ଆନ୍ଦୋଳନ, ଚରଖା ଆନ୍ଦୋଳନ, ସ୍ୱରାଜ ଆନ୍ଦୋଳନ, ବିପ୍ଲବୀ କ୍ରିୟାକଳାପ, ଭାରତ ବର୍ଷର ସ୍ୱାଧୀନତା, ଦେଶର ଅର୍ଥନୈତିକ ସ୍ୱାଧୀନତା ଓ ମାନବୀୟ ମୂଲ୍ୟବୋଧର ଜାଗରଣ ଇତ୍ୟାଦି ବହୁ ପ୍ରସଙ୍ଗରେ ଦେଶବନ୍ଧୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଲୋଚନା କରିଥିଲେ । ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କର ସହଜ, ସରଳ, ନିରଭିମାନ ବ୍ୟକ୍ତିତ୍ୱ, ଅନ୍ତହୀନ ଜ୍ଞାନ, ଉତ୍କୃଷ୍ଟ ଅନାବିଳ ପ୍ରେମ ଓ ସର୍ବୋପରି ଆଧାତ୍ମିକ ମୂଲ୍ୟବୋଧ ଓ ଭାରତମାତାର ଜାଗରଣ ନିମିତ୍ତ ଏକ ସୁପରିକଳ୍ପିତ ସମନ୍ୱିତ ଯୋଜନା ଯାହାକି ଶିକ୍ଷା, ଦୀକ୍ଷା, ସୁବିବାହ ଓ ମନୁଷ୍ୟର ଜୈବିକ ସଂସ୍ଥିତିର ଉନ୍ନୟନ ଉପରେ ପର୍ଯ୍ୟବେସିତ ଇତ୍ୟାଦି ଜ୍ଞାନର ଆଭାସ ପାଇ ଶ୍ରୀ ଶ୍ରୀ ଠାକୁରଙ୍କୁ ଦେଶବନ୍ଧୁ ଗୁରୁ ରୂପେ ବରଣ କରିଥିଲେ ଓ ଜନନୀ ମନମୋହିନୀ ଦେବୀଙ୍କ ଠାରୁ ୧୪ ମଇ୧୯୨୪ ମସିହାରେ ସତ୍‌ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ । ଦୀକ୍ଷା ଗ୍ରହଣ ପରେ ଦେଶବନ୍ଧୁ ତାଙ୍କର ପୁତ୍ର ଚିରରଞ୍ଜନ ଓ ପୁତ୍ରବଧୂ ସୁଜାତା ଦେବୀଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷା ଦେଇ ଶ୍ରୀମାନ ସୁନୀଲ ଚନ୍ଦ୍ର ମୁର୍ଖାଜୀଙ୍କ ସହିତ ସତ୍‌ସଙ୍ଗ ଆଶ୍ରମକୁ ପଠାଇ ଦେଇଥିଲେ ଓ ସେମାନେ ସୁଦୀର୍ଘ ଦିନ ଶ୍ରୀ ଶ୍ରୀ ଠାକୁରଙ୍କ ସାହଚର୍ଯ୍ୟରେ ଆଶ୍ରମରେ ଅବସ୍ଥାନ କରିଥିଲେ । ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଫରିଦ୍‌ପୁର ସମ୍ମିଳନୀ ଯିବା ପୂର୍ବରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏକ ପତ୍ର ମାଧ୍ୟମରେ ତାଙ୍କୁ ଅନୁରୋଧ କରିଥିଲେ ଯେ ଆପଣ କିଛି ଦିନ ସତ୍‌ସଙ୍ଗ ଆଶ୍ରମରେ ରହି ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ । ଶ୍ରୀ ଶ୍ରୀ ଠାକୁରଙ୍କର ଲୀଳାସହଚର ଭକ୍ତ ପ୍ରବଳ ସୁଶୀଲ ଚନ୍ଦ୍ର ବସୁ ଏହି ଚିଠିଟି ନେଇ ଦେଶବନ୍ଧୁଙ୍କୁ ଦେଲାପରେ ଦେଶବନ୍ଧୁ ଚିଠିଟିକୁ ମଥାରେ ଲଗାଇ ଖୋଲିଲେ ଏବଂ ପଢି କହିଲେ ଯେ ଫରିଦ୍‌ପୁର କନ୍‌ଫାରେନ୍ସରୁ ଫେରି ଦାର୍ଜିଲିଂ ଯିବା ପଥରେ ମୁଁ ସତ୍‌ସଙ୍ଗ ଆଶ୍ରମକୁ ଯିବି । ମହାତ୍ମା ଗାନ୍ଧୀ ମଧ୍ୟ ସେହି ଫରିଦ୍‌ପୁର କନ୍‌ଫାରେନ୍ସରେ ଉପସ୍ଥିତ ଥିଲେ । ୧୯୨୫ ମସିହା ୧୧ମେ ଦିନ ଦେଶବନ୍ଧୁ ସତ୍‌ସଙ୍ଗ ଆଶ୍ରମରେ ପଦ୍ମାତୀରରେ ଏକ ଛୋଟ ବଙ୍ଗଳାରେ ଯାଇ ରହିଲେ । ସେହିଠାରେ ଗଭୀର ରାତ୍ରି ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଳାପ ଆଲୋଚନା ଚାଲୁଥିଲା – ଆଧାତ୍ମିକ ସାଧନା, ଶିକ୍ଷା, ଦର୍ଶନ, ସମାଜ, ଇତିହାସ ଓ ବିଜ୍ଞାନ ଇତ୍ୟାଦି ବିଷୟରେ ବହୁ ଆଲୋଚନା ହେଉଥିଲା । ଦାର୍ଜିଲିଂରୁ ଫେରି ସେ କେଉଁ କାର୍ଯ୍ୟରେ ମନ ଦେବେ, ସେ ସବୁ ବିଷୟରେ ଶ୍ରୀ ଶ୍ରୀ ଠାକୁର ପରାମର୍ଶ ଦେଇଥିଲେ । ଆଶ୍ରମରେ ତିନି ଚାରି ଦିନ ରହିବାପରେ ଅନେକ ସୁସ୍ଥବୋଧ କଲାପରେ ଆତ୍ମୀୟ ସ୍ୱଜନଙ୍କ ଇଚ୍ଛାନୁସାରେ ଦାର୍ଜିଲିଂ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ଶ୍ରୀ ଶ୍ରୀ ଠାକୁରଙ୍କ ଅନୁମତି ନ ମିଳିବାଯୋଗୁଁ ଦୁଇଥର ଦାର୍ଜିଲିଂ ଯାତ୍ରା ବନ୍ଦ ହୋଇଥିଲା । କିନ୍ତୁ ପରେ ଅନିଚ୍ଛାସତ୍ତ୍ୱେ ମଧ୍ୟ ଶ୍ରୀ ଶ୍ରୀ ଠାକୁର ଅନୁମତି ଦେବାକୁ ବାଧ ହୋଇଥିଲେ । ପୁତ୍ରଚରିରଞ୍ଜନ, ପୁତ୍ରବଧୂ ସୁଜାତା ଦେବୀ ଓ ତାଙ୍କର କନ୍ୟାଗଣ ଆଶ୍ରମରେ ରହିଗଲେ । କିନ୍ତୁ ଦୁର୍ଭାଗ୍ୟବଶତଃ କାଳର କରାଳକ୍ରମେ ଦାର୍ଜିଲିଂ ଠାରେ ଗୁରୁତର ଶାରୀରିକ ଅସୁସ୍ଥତା ଯୋଗୁଁ ମାତ୍ର ପଞ୍ଚାବନ ବର୍ଷ ବୟସରେ ଦେଶବନ୍ଧୁଙ୍କର ମହାପ୍ରୟାଣ ହୋଇଥିଲା । କଲିକତାରେ ଦେଶବନ୍ଧୁଙ୍କ ଅନ୍ତିମ ଶୋଭାଯାତ୍ରାରେ ଜନନୀ ମନମୋହିନୀ ଦେବୀ ଓ ଜାତିର ପିତା ମହାତ୍ମାଜୀ ଉପସ୍ଥିତ ରହି ତାଙ୍କର ଗୁଣ ବଖାଣିଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମଧ୍ୟ ତାଙ୍କୁ ନିଜର ଗୁରୁ ହିସାବରେ ମାନନ୍ତି । ଦେଶବନ୍ଧୁଙ୍କ ପତ୍ନୀ ବାସନ୍ତୀ ଦେବୀଙ୍କୁ ମାଆ ଭାବେ ସମ୍ବୋଧିତ କରୁଥିଲେ । ଦେଶବନ୍ଧୁଙ୍କର ଶେଷ ବାକ୍ୟ ଥିଲା – ମୋ ଜୀବନର ସମସ୍ତ ଆଶା, ଆକାଂକ୍ଷା ଓ ଚିନ୍ତାଧାରା ଶ୍ରୀ ଶ୍ରୀ ଠାକୁରଙ୍କର ସାନ୍ନିଧ ଲାଭ କରି ପରିମାର୍ଜିତ ହୋଇଥିଲା । ୧୯୨୫ ମସିହା ଜୁନ୍ ୧୬ ତାରିଖରେ ପ୍ରବଳ ଜ୍ୱରରେ ପୀଡ଼ିତ ହେବା ଯୋଗୁଁ ଦେଶବନ୍ଧୁଙ୍କର ପ୍ରାଣହାନୀ ଘଟିଥିଲା ।।

*ସହ-ପ୍ରତିରଦ୍ଧିକ, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଗଙ୍ଗାଙ୍କ ପାଇଁ ଦଶହରା



ଡ଼ଃ.ଅରୁନ୍ଧତୀ ଦେବୀ

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷର ପ୍ରଥମ ଦିଶଦିନକୁ ଗଙ୍ଗା ଦଶହରା ଭାବରେ ପାଳନ କରାଯାଏ । ଦଶମୀ ଦିନ ଗଙ୍ଗାବତରଣ ଉତ୍ସବ ପାଳନ କରାଯାଏ । ଏହି ଦିନ ଗଙ୍ଗା ନଦୀରେ ସ୍ନାନ କରି ତର୍ପଣ ଓ ଦାନ କଲେ ସାରା ଜୀବନର ପାପ କ୍ଷୟ ହୋଇଯାଏ । ତେଣୁ ଭକ୍ତି ଓ ବିଶ୍ୱାସର ପର୍ବ ଏହି ଗଙ୍ଗା ଦଶହରା । ଶାସ୍ତ୍ର ମତ ଅନୁଯାୟୀ, ଯଦି କେହି ଏହି ଦିନ ଗଙ୍ଗା ସ୍ନାନ ନକରି ପାରନ୍ତି ତା ହେଲେ ନିକଟସ୍ଥ ନଦୀରେ ସ୍ନାନ କରି ତର୍ପଣ କରିବା ମଧ୍ୟ ଫଳଦାୟୀ ହୋଇଥାଏ । ଗଙ୍ଗା ଦଶହରାର କାହାଣୀ ଏଠାରେ ଉପସ୍ଥାପନ କରୁଛୁ । ପୁରୁଣା ସମୟରେ ଅଯୋଧ୍ୟାରେ ସଗର ବୋଲି ଜଣେ ରାଜା ଥିଲେ । ତାଙ୍କର କେଶିନୀ ଓ ସୁମତି ନାମକ ଦୁଇରାଣୀ ଥିଲେ । ପ୍ରଥମ ରାଣୀଙ୍କର ଜଣେ ମାତ୍ର ପୁତ୍ର ଥିଲେ । ଦ୍ୱିତୀୟ ରାଣୀଙ୍କର ୬୦ ହଜାର ପୁତ୍ର ଥିଲେ । ଥରେ ସଗର ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ । ଯଜ୍ଞର ପୂର୍ଣ୍ଣାହୁତି ପୂର୍ବରୁ ଯଜ୍ଞଅଶ୍ୱକୁ ଛାଡ଼ି ଦିଆଗଲା । ଏହି ଯଜ୍ଞ ଅଶ୍ୱକୁ କେହି ଅଟକାଇ ନେଲେ ତାଙ୍କ ସହ ଯୁଦ୍ଧ କରି ତାକୁ ଜିତିବା ନିୟମ ଥିଲା । କିନ୍ତୁ ଏହି ଅଶ୍ୱକୁ କେହି ନ ଅଟକାଇଲେ ରାଜା ସଗର ରାଜଚକ୍ରବର୍ତ୍ତୀ ହୋଇଥାନ୍ତେ । ଯଜ୍ଞଙ୍କୁ ବିଫଳ କରିବା ପାଇଁ ଦେବରାଜ ଇନ୍ଦ୍ର ଅଶ୍ୱଟିକୁ ଚୋରି କରିନେଇ କପିଳମୁନିଙ୍କ ଆଶ୍ରମରେ ଲୁଚାଇଦେଲେ । ରାଜା ସଗର ଅଶ୍ୱଟିକୁ ଖୋଜିବା ପାଇଁ ପୁଅ ମାନଙ୍କୁ ପଠାଇଲେ । ସେମାନେ ଅଶ୍ୱକୁ ଖୋଜି ଖୋଜି କପିଳ ମୁନିଙ୍କ ଆଶ୍ରମରେ ତାକୁ ପାଇଲେ । କପିଳ ମୁନି ଅଶ୍ୱଟିକୁ ଚୋରାଇ ଆଣିଛନ୍ତି ମନେ କରି ସେମାନେ ଧ୍ୟାନମଗ୍ନ ମୁନିଙ୍କୁ ଭତ୍ସନା କଲେ । ଏଥିରେ ମୁନି କ୍ରୋଧିତ ହୋଇଗଲେ ଓ ତାଙ୍କ ଅଭିଶାପରେ ସଗର ୬୦ ହଜାର ପୁତ୍ର ପୋଡି ପାଉଁଶ ହୋଇଗଲେ । ଏହାପରେ ପ୍ରଥମ ରାଣୀଙ୍କ ପୁଅ ଦିଲ୍ଲୀପ ଅଶ୍ୱକୁ ଖୋଜି ଖୋଜି ଆଶ୍ରମରେ ପହଞ୍ଚିଲେ । ସେତେବେଳେ ମହାତ୍ମା ଗରୁଡ଼ ତାଙ୍କୁ ଅନ୍ୟ ସଗର ପୁତ୍ରମାନଙ୍କ ବିଷୟରେ ଜଣାଇଲେ । ଦିଲ୍ଲୀପ ଭାଇମାନଙ୍କ ଜୀବନ ଫେରାଇ ଦେବା ନିମନ୍ତେ କପିଳ ମୁନିଙ୍କୁ ପ୍ରାର୍ଥନା କଲେ । ମୁନି କହିଲେ ବର୍ତ୍ତମାନ ତୁମେ ଏହି ଅଶ୍ୱକୁ ନେଇ ଯଜ୍ଞ କାର୍ଯ୍ୟ ସମାପ୍ତ କର । ଏହାପରେ ଯଦି ତୁମେ ଗଙ୍ଗାଙ୍କୁ ପ୍ରାର୍ଥନାରେ ସନ୍ତୁଷ୍ଟ କରି ଏହି ଭସ୍ମ ଉପରେ ପ୍ରବାହିତ କରାଇପାରିବ ତାହେଲେ ଏମାନଙ୍କ ଆତ୍ମ ମୁକ୍ତ ହେବ । ଦିଲୀପ ଦୀର୍ଘ ବର୍ଷ ତପସ୍ୟା କଲାପରେ ବି ଗଙ୍ଗାଙ୍କୁ ସନ୍ତୁଷ୍ଟ କରାଇପାରିଲେନି । ଦିଲୀପଙ୍କ ପରେ ତାଙ୍କ ପୁଅ ଭଗୀରଥ ନିଜ ପୂର୍ବଜମାନଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୋକର୍ଣ୍ଣ ଠାରେ ତପସ୍ୟାରେ ବସିଲେ । ସେ ଧ୍ୟାନରେ ବସିଥିବାବେଳେ ବର୍ଷ ପରେ ବର୍ଷ ଅତିକ୍ରମ କରିଗଲା । ଦିନେ ଗଙ୍ଗା ଭଗୀରଥଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପୃଥିବୀ ପୃଷ୍ଠକୁ ଆସିବାକୁ ରାଜି ହେଲେ । ହେଲେ ଏଠି ବି ସମସ୍ୟା ଥିଲା । ଗଙ୍ଗା ସ୍ୱର୍ଗରୁ ମର୍ତ୍ତ୍ୟକୁ ଓହ୍ଲାଇବା ବେଳେ ତାଙ୍କ ବେଗକୁ ସମ୍ଭାଳିବ କିଏ ? କାରଣ ଗଙ୍ଗା ସ୍ୱର୍ଗରୁ ସିଧାସଳଖ ପୃଥିବୀକୁ ଓହ୍ଲାଇଲେ ପୃଥିବୀର ବକ୍ଷ ବିଦୀର୍ଣ୍ଣ ହୋଇଯିବ । ବ୍ରହ୍ମା କହିଲେ, ମହାଦେବଙ୍କ ବ୍ୟତୀତ ଗଙ୍ଗାଙ୍କୁ କେହି ଧାରଣ କରିପାରିବେନି । ଏହାପରେ ଭଗୀରଥ ଶିବଙ୍କୁ ପ୍ରାର୍ଥନା କଲେ । ବିଶେଷ କରି ଯେଉଁସବୁ ଅଞ୍ଚଳ ଦେଇ ଗଙ୍ଗାନଦୀ ପ୍ରବାହିତ ହୋଇଛି ଯଥା ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଆଦିରେ ଏହି ପର୍ବ ଖୁବ୍ ଧୁମଧାମରେ ପାଳନ କରାଯାଏ । ଶ୍ରଦ୍ଧାଳୁମାନେ ହୃଷିକେଶ, ହରିଦ୍ୱାର, ଗରମୁକ୍ତେଶ୍ୱର, ପ୍ରୟାଗ, ବାରାଣାସୀ ଆଦି ପବିତ୍ର ସ୍ଥାନରେ ଧ୍ୟାନ କରି ଗଙ୍ଗାସ୍ନାନ କରନ୍ତି । ସନ୍ଧ୍ୟାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ କାଗଜଡଙ୍ଗାରେ ଦୀପ ଫୁଲ ଓ ମିଠା ଗଙ୍ଗାନଦୀରେ ଅର୍ପଣ କରନ୍ତି । ଘଣ୍ଟା ଘଣ୍ଟା, ଭଜନ, କୀର୍ତ୍ତନ ଏବଂ ଶ୍ଳୋକ ପାଠ ମଧ୍ୟରେ ଗଙ୍ଗାକୂଳ ଦଶାଶ୍ୱମେଧ ଘାଟରେ ପ୍ରଭାତ ଏବଂ ସାନ୍ଧ୍ୟ ଆଳତି କରାଯାଏ । ଯେଉଁମାନେ ଗଙ୍ଗାରେ ସ୍ନାନ କରିପାରନ୍ତି ନାହିଁ, ସେମାନେ ନିକଟସ୍ଥ ଜଳଧାରାରେ ସ୍ନାନ ତର୍ପଣ କରି ଗଙ୍ଗାଜଳ ସିଞ୍ଚନ କରନ୍ତି । ସ୍ୱର୍ଗରୁ ଓହ୍ଲାଇବାବେଳେ ଗଙ୍ଗା ଶିବଙ୍କ ଜଟାରେ ପହଞ୍ଚି ୭ଟି ଧାରାରେ ବିଭକ୍ତ ହୋଇଥିଲେ । ଏହି ଧାରାଗୁଡ଼ିକ ହେଉଛନ୍ତି ପାବନୀ, ନଳିନୀ, ହାଦିନୀ, ସୁଚକ୍ଷୁ, ସୀତା ଓ ସିନ୍ଧୁ । ସପ୍ତମ ଧାରା ଜହ୍ନୁ ଋଷିଙ୍କ ଆଶ୍ରମ ନିକଟ ଦେଇ ଗତି କରିଥିଲା । ଥାଇଲାଣ୍ଡରେ ଗଙ୍ଗା ଓ ଭଗବାନ ବୁଦ୍ଧଙ୍କ ଉଦ୍ଦେଶ୍ୟରେ ଲୋ କ୍ରାଥଙ୍ଗ ନାମକ ପର୍ବ ପାଳନ କରାଯାଏ । ସେମାନେ ପତ୍ର ଠୋଲାରେ ଦୀପ ଗଙ୍ଗାମାତାଙ୍କ ଉଦ୍ଦେଶ୍ୟରେ ନଈରେ ଭସାଇ ଦିଅନ୍ତି । ବିଶ୍ୱାସ କରନ୍ତି ଏହା ଗଙ୍ଗାମାତା ସେମାନଙ୍କୁ ନକରାତ୍ମକ କର୍ମର ପରିଣାମରୁ ମୁକ୍ତି ଦେବେ । ଭଗବତ ପୁରାଣରେ ଗଙ୍ଗାଙ୍କ ଜନ୍ମର କାହାଣୀ ରହିଛି । ଭଗବତ ପୁରାଣ ଅନୁଯାୟୀ ବିଷ୍ଣୁ ବାମନ ଅବତାରରେ ଅସୁର ରାଜା ବଳୀଙ୍କ ପ୍ରସାଦରେ ଠିଆ ହୋଇ ବିଶ୍ୱକୁ ମାପିବା ପାଇଁ ଗୋଟିଏ ଗୋଡ଼ ଉଠାଇଲେ । ବିଶ୍ୱର ଆବରଣକୁ ସେ ବୁଢ଼ା ଆଙ୍ଗୁଠିରେ କଣା କରିଦେଲେ । ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟରେ ପ୍ରବେଶ କରି ଗଙ୍ଗା ବ୍ରହ୍ମଲୋକରେ ଅବସ୍ଥାନ କଲେ । ଏହାର ଅନେକ କାଳ ପରେ ଗଙ୍ଗା ଭଗୀରଥଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ପୃଥିବୀକୁ ଓହ୍ଲାଇଥିଲେ । ହିନ୍ଦୁ ପୁରାଣରେ ଗଙ୍ଗା ଏକମାତ୍ର ନଦୀ ଯିଏ ତିନିଲୋକ ଯଥା – ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳରେ ପ୍ରବାହିତ ହେଉଛନ୍ତି । ତିନିପୁରରେ ପ୍ରବାହିତ ହେଉଥିବାରୁ ସଂସ୍କୃତରେ ଗଙ୍ଗାଙ୍କୁ ତ୍ରିପଥଗା କୁହାଯାଏ । ଭଗୀରଥଙ୍କ ନିଷ୍ପାପର ଉଦ୍ୟମରେ ଗଙ୍ଗା ପୃଥିବୀକୁ ଆସିଥିବାରୁ ଆଜି ମଧ୍ୟ କୌଣସି କଷ୍ଟକର ଉପଲବ୍ଧି ନିମନ୍ତେ ଭଗୀରଥ ଉଦ୍ୟମ ବୋଲି କୁହାଯାଏ । ବିଶ୍ୱାସ କରାଯାଏ ଏହି ନଦୀ କଳିଯୁଗ ଶେଷରେ ଶୁଖିଯିବ । ହିନ୍ଦୁ ଧର୍ମର ସବୁଠାରୁ ପୁରାତନ ବେଦ ଋକ୍ ବେଦରେ ଗଙ୍ଗାନଦୀ ବିଷୟରେ ବର୍ଣ୍ଣନା ରହିଛି । ସ୍କନ୍ଦ ପୁରାଣରେ ଦେବୀ ଗଙ୍ଗା କାର୍ତ୍ତିକେୟଙ୍କର ପାଳିତ ମାତା ବୋଲି ବର୍ଣ୍ଣନା ରହିଛି । ଏହାଛଡ଼ା ପାର୍ବତୀ ମାଟିରେ ଯେଉଁ ମୂର୍ତ୍ତି ଗଢ଼ି ଗଣେଶଙ୍କୁ ରୂପ ଦେଇଥିଲେ ସେହି ମୂର୍ତ୍ତିକୁ ଗଙ୍ଗାଜଳରେ ସ୍ନାନ କରାଇ ଜୀବନ୍ୟାସ ଦେଇଥିଲେ । ତେଣୁ ଗଣେଶଙ୍କର ପାର୍ବତୀ ଓ ଗଙ୍ଗା ଉଭୟ ମାତା ବୋଲି କୁହାଯାଏ । ମହାଭାରତ ଅନୁଯାୟୀ ଗଙ୍ଗା ମହାରାଜା ଶାନ୍ତନୁଙ୍କର ପତ୍ନୀ ଏବଂ ଭୀଷ୍ମଙ୍କର ମା' । ହିନ୍ଦୁ ବିଶ୍ୱାସ ଅନୁଯାୟୀ ଗଙ୍ଗାଜଳ ସବୁ ପାପ କ୍ଷମା କରି ମୋକ୍ଷ ପ୍ରଦାନ କରେ । ଏହି କାରଣରୁ ଲୋକମାନେ ନିଜର ସବୁ ଧାର୍ମିକ ଦାନ ହିଁ ଗଙ୍ଗାନଦୀରେ ବିସର୍ଜନ କରନ୍ତି । କିନ୍ତୁ ଏହି ଧାର୍ମିକ କାରଣରୁ ଗଙ୍ଗା ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି । ପ୍ରତିବର୍ଷ ତୀର୍ଥଯାତ୍ରା ସମୟରେ ପ୍ରାୟ ଲକ୍ଷାଧିକ ତୀର୍ଥଯାତ୍ରୀ ହରିଦ୍ୱାର, ବାରାଣସୀ ଏବଂ ଆହ୍ଲାବାଦ ଆସନ୍ତି । ତେବେ ଯାହାହେଉନା କାହିଁକି ହିନ୍ଦୁ ଆଧାତ୍ମିକ ଚେତନାରେ ଗଙ୍ଗାଦଶହରାର ଅନ୍ତର୍ନିହିତ ଉପଲବ୍ଧି ରହିଛି । ଚଳିତ ବର୍ଷ ୧୬ ତାରିଖ ରବିବାର ଗଙ୍ଗାଦଶହରା ତିଥି ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,*
*କଟକ, ଦୂରଭାଷ : ୯୯୩୭୧୭୨୮୧୦*




# ଧାନ ଫସଲର କୀଟ ପରିଚାଳନା

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...



**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୁତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ । ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁଡିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଓଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ଼୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର,ଭଦ୍ରକ, ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ । ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ । ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ । ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତତ୍ପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ । ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ । ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ । ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ । ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ । ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ । ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ । ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ । ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ । ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ । ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।



ଭୁବନାନନ୍ଦ ଅଧିକାରୀ
*କୀଟ ଟିଏ କଥା ଟିଏ - ୪*

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ । ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ । ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ । ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉକ୍ଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ । ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ । ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର । ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ । କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି । କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ । ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ । ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

ଦୀପାୟନ ପାଢ଼ୀ

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ । ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ । ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା । ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ । ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ । ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି । ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନ୍ୱିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ । ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ । ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି । କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ । ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ । ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି ।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି । ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି । ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ । ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି । ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି । କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି । କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି । ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି ।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ । ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ । ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ । ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ । ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି । ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ ।

**କ୍ରାଇସୋପେର୍ଲା :**

ଏହାକୁ ଜଉପୋକର ଖାଦକ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ । ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି । ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ । ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି । ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ । ଏହା ସବୁ ପ୍ରକାର ଫସଲରେ ଦେଖାଯାଏ । ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ । ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ । ଏହାର ମାଈ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ । ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି । ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ ।

**ରେଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ । ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି । ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ । ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ । ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ । ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଈ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି । ଏହିପୋକ ଗୁଡ଼ିକ ନିଜ ଲମ୍ବା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି । ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି ।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର । ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି । ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ । ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ । ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି । ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି ।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ । ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ । ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ । ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ । ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଆ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ । ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ । ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ । ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ । ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି । ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଆ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧ୍ୟାପକ, କୀଟତତ୍ତ୍ୱ ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




# ଯୁଦ୍ଧାୟ କୃତନିଶ୍ଚୟ...

୨୦୦୩ ମସିହା ଅକ୍ଟୋବର ୩୧ ତାରିଖରେ ଜାତିସଂଘର ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି (ସଂଖ୍ୟା-୫୮/୪) ଗ୍ରହଣ କରାଗଲା ଯେ ଡ୍ରଗ୍ସ ଆଣ୍ଡ କ୍ରାଇମର ଜାତିସଙ୍ଘ କାର୍ଯ୍ୟାଳୟକୁ ଏହାର ସଚିବାଳୟରେ ପରିବର୍ତ୍ତିତ କରାଯିବ। ଦୁର୍ନୀତି ପ୍ରତି ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ଓ ପ୍ରତିରୋଧ କରିବାରେ ଜାତିସଙ୍ଘର ଭୂମିକା ବିଷୟରେ ଅବଗତ କରାଇବା ପାଇଁ ୯ ଡିସେମ୍ବରକୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ଭାବେ ଘୋଷଣା କରାଗଲା। ଡିସେମ୍ବର ୨୦୦୫ରେ ଏହା କାର୍ଯ୍ୟକାରୀ ହେଲା। ଦୁର୍ନୀତି ଏକ ଜଟିଳ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟାଧି, ଯାହା ସମଗ୍ର ବିଶ୍ୱକୁ କବଳିତ କରିଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ଅର୍ଥନୈତିକ ବିକାଶକୁ ଏହା ମନ୍ଥର କରିଚାଲିଛି। ସରକାରୀ ଅସ୍ଥିରତାର କାରକ ସାଜିଛି ଭ୍ରଷ୍ଟାଚାର। ନିର୍ବାଚନ ପ୍ରକ୍ରିୟାକୁ ବିକୃତ କରି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ମୂଳଦୁଆକୁ ଆକ୍ରମଣ କରିଚାଲିଛି। ଆଇନ କାନୁନ ଉଲ୍ଲଂଘନ କରିବା ସହ ଅମଲାତନ୍ତ୍ର ସମ୍ବନ୍ଧୀୟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଏସବୁ ତିଷ୍ଠିବାର ଏକମାତ୍ର କାରଣ ହେଉଛି ଲାଞ୍ଚ। ବିଦେଶୀ ପ୍ରତ୍ୟକ୍ଷ ନିବେଶ ହତୋତ୍ସାହିତ କରାଯିବାରୁ ଅର୍ଥନୈତିକ ବିକାଶ ହୋଇପାରୁନାହିଁ। ଦୁର୍ନୀତି ଯୋଗୁଁ ବ୍ୟବସାୟ ଆରମ୍ଭ ପାଇଁ ଆବଶ୍ୟକ ଅର୍ଥ ମିଳିପାରୁନାହିଁ, ଯାହାଦ୍ୱାରା ଦେଶରେ କ୍ଷୁଦ୍ର ବ୍ୟବସାୟ ଅଧିକାଂଶ ସମୟରେ ଅସମ୍ଭବ ହେଉଛି। ଭାରତୀୟ ଗଣତାନ୍ତ୍ରିକ ଓ ପ୍ରଶାସନିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ଭାରତରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁକ୍ଷେତ୍ରରେ ଭୂମିକା ଗ୍ରହଣ କରାଯାଉଛି। ତଥାପି ଆଜି ସମାଜର ସବୁଠି ଓ ସବୁକ୍ଷେତ୍ରରେ ଏହାର କାୟା ବଢ଼ିବାରେ ଲାଗିଛି। ଏପରି ଏକ ସମୟ ପହଞ୍ଚିଲାଣି ବିନା ଦୁର୍ନୀତିରେ, ପ୍ରିୟାପ୍ରୀତିରେ ସତେ ଯେପରି ଖଣ୍ଡିଏ କାଗଜ ବି ସରକାରଙ୍କ ଦପ୍ତର ଠାରୁ ବେସରକାର ଦପ୍ତରରେ ମଧ୍ୟ ଉଠି ନଥିବାର ଅଭିଯୋଗ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ଠାରୁ ସବୁ କ୍ଷେତ୍ରରେ ଦୁର୍ନୀତିର ବିଭିନ୍ନ ରୂପ ଅନେକ ସମୟରେ ଦେଖାଯାଏ ଯାହାକୁ ନେଇ ଗଣମାଧ୍ୟମରେ ବିସ୍ତୃତ ଖବର ପ୍ରକାଶ ପାଏ। ଜଣେ ରାଜନେତା ଏକଦା ପରିହାସ ଛଳରେ କହିଥିଲେ ଯେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ।' ଦୁର୍ନୀତି ଅର୍ଥ ନୀତିଠାରୁ ଦୂର। ନ୍ୟାୟ ଓ ଧର୍ମର ବିରୋଧୀ ଅନ୍ୟାୟ ନୀତି, ଅସତ୍ ଆଚରଣ ବା ଅସତ୍ କର୍ମକୁ ଦୁର୍ନୀତି କୁହାଯାଏ।

ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି। ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ। ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି। ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକି ଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସତର୍କ କରି କହିଛନ୍ତି- ସବୁ ସମୟ ସ୍ମରଣ ରଖ, ସଜାଗ ରୁହ ସତର୍କତାର ସହିତ, କାହାର ଅକୃତଜ୍ଞତା, ବିଶ୍ୱାସଘାତକତା, ଚୌର୍ଯ୍ୟପ୍ରବୃତ୍ତି, ଦାୟିତ୍ୱହୀନତା ଓ ସେବା ବିମୁଖତାକୁ ପ୍ରଶୟ ଦିଅନାହିଁ। ଏହା ହେଉଛି ସତ୍ତା ସମ୍ବର୍ଦ୍ଧନାର ସର୍ବନାଶ ବିଷାକ୍ତ ପ୍ରବୃତ୍ତି। ଏହି ଦୁର୍ନୀତିରେ ବୁଡ଼ି ବୁଡ଼ି ମନୁଷ୍ୟ ସୁନୀତିକୁ ଭୁଲିଯାଇଛି। ବଦ୍ ଅଭ୍ୟାସରେ ରହି ସତ୍ ଅଭ୍ୟାସକୁ ଭୁଲି ଯାଇଛି, ଏହି ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଛି। ଯେଉଁମାନେ ନିରୋଧ କରିବେ ସେମାନେ ହେବେ ବୀର ପୁରୁଷ। ପ୍ରେମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ କହିଛନ୍ତି - ଚୋରି କରନାହିଁ; ଚାହିଦାରେ ଘୃଷ୍ଟ ବୁଦ୍ଧିବୃତ୍ତି କାହାକୁ ମଧ ଉଦ୍‌ବୃତ୍ତ ନକରି ଅନ୍ୟାଯ୍ୟଭାବରେ, ଅଜ୍ଞାତସାରରେ ପରିପୂରିତ ହେବାକୁ ଚାହେଁ - ତାହା ହିଁ ଚୌର୍ଯ୍ୟ; ଚୌର୍ଯ୍ୟରେ ବୁଦ୍ଧିବୃତ୍ତି ଦିନୁ ଦିନ ଅନ୍ୟର କ୍ଷତିକରି ଅପକର୍ଷ ପ୍ରତି ଧାବିତ ହୁଏ ବୋଲି ଅର୍ଥାତ୍, କରିବା ଭିତର ଦେଇ ଯେପରି ଭାବରେ ଚାହିଦାକୁ ପୂରଣ କଲେ ବୋଧ ଓ ଜ୍ଞାନର ଉନ୍ମେଷରେ ତାହା ମିଳିଯାଏ - ତାହା ହିଁ ଚୌର୍ଯ୍ୟରେ ଆହତ ଓ ଅବସନ୍ନ ହୋଇ ଅଧର୍ମକୁ ଆଲିଙ୍ଗନ କରେ ବୋଲି ଏତେ ଘୃଣ୍ୟ, ଏତେ ପାପ, ଏତେ ହୀନତା - ତେଣୁ କୁହେ, ଏହି ଚୌର୍ଯ୍ୟ ବୁଦ୍ଧିକୁ ପ୍ରଶ୍ରୟ ଦେଇ ତୁମର ଓ ତୁମ ପାରିପାର୍ଶ୍ୱିକର ସର୍ବନାଶ କରନା, ସାବଧାନ ହୁଅ। ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ - ସର୍ବପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତତ, ଯେତେ ଶୀଘ୍ର ପାର ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭେମ୍ପେୟାରକୁ (ବାଦୁଡ଼ି)। ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନ୍ମୟ, ସ୍ମରଣ କର ତୁମେ ପରମପିତାଙ୍କର ସନ୍ତାନ। ଏହି ଦୁର୍ନୀତି ବିରୋଧୀ ଆତ୍ମ ସଂଶୋଧନ ଇଚ୍ଛୁକ ବୀରମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ। ଆଜି ବିଶ୍ୱ ଦୁର୍ନୀତି ନିରୋଧ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ଦୁର୍ନୀତି ବିରୋଧରେ ଚେତନାକୁ ଜାଗ୍ରତ କରିବା ସହ ଏହାକୁ କାର୍ଯ୍ୟରେ କରି ଦେଖାଇଲେ ଏହି ଦିବସର ତାତ୍ପର୍ଯ୍ୟ ଗୁରୁତ୍ୱ ରଖନ୍ତା।

## ନିଲମ୍ବିତ ଏମବିକେଙ୍କୁ ପୁନଃନିଯୁକ୍ତି

ଧର୍ମଶାଳା (ପିଏନ୍): ଗତ ପଂଚାୟତ ନିର୍ବାଚନରେ ଶାସକ ଦଳର ଚାପରେ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଏମବିକେ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରା ପୁନଃନିଯୁକ୍ତି ନିଷ୍ପତିକୁ ପଂଚାୟତବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ସୂଚନା ଅନୁଯାୟୀ ୨୦୨୨ ପଂଚାୟତ ନିର୍ବାଚନରେ ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଏମବିକେ ଝୁନୁବାଳା ଦାସ ନିର୍ବାଚନ ଅଚରଣବିଧି ଉଲଙ୍ଘନ ଅଭିଯୋଗ ଆଣି ଶାସକଦଳ ପକ୍ଷରୁ ଚାପ ପ୍ରୟୋଗ କରାଯାଇ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହା ବିରୁଦ୍ଧରେ ଝୁନୁବାଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୫୧୩୮/୨୨ରେ ଏକ କେଶ କରି ଘଟଣାର ବିଚାର କରି ଝୁନୁବାଳାଙ୍କୁ ପୁନଃନିଯୁକ୍ତି ଦେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋର ପତ୍ରସଂଖ୍ୟା ୫୬୭୨ ତା.୨୮/୧୧/୨୨ରେ ଝୁନୁବାଳାଙ୍କୁ ପୁନଃ ନିଯୁକ୍ତି ଦେବା ଲାଗି ବ୍ଲକକୁ ଜଣାଇଥିଲେ। ପୁନଃନିଯୁକ୍ତି ପାଇବା ପରେ କୁମାରୀ ପଂଚାୟତର ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଝୁନୁବାଳାଙ୍କୁ ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆଣିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ପ୍ରତିଷ୍ଠା ଦିବସ



ଧର୍ମଶାଳା (ପିଏନ୍): ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୨୫ତମ ପ୍ରତିଷ୍ଠା ଦିବସ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ଶ୍ରୀଧର ମହାପାତ୍ର ଓ ଅଭିରାମ ନନ୍ଦ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ସଭ୍ୟ ବୀରକିଶୋର ଦାସ, ବୃନ୍ଦାବନ ଦାସ, ଶୁକଦେବ ପତିଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ସୁଦର୍ଶନ ଶତପଥୀଙ୍କୁ ମରଣୋତର ସମ୍ମାନ ତାଙ୍କ ପୁତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ସଭାରେ ସହସମ୍ପାଦକ ଆଦିକନ୍ଦ ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ବିବେକାନନ୍ଦ ନାୟକ ସ୍ୱାଗତ ଜଣାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ଫେବୃଆରୀ ୫ ତାରିଖରେ ସଙ୍ଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଥିଲା। ଏହି ଉତ୍ସବରେ ଯାଜପୁର ସାଂସଦ ଓ ସ୍ଥାନୀୟ ବିଧାୟକ ଯୋଗଦେବା ପାଇଁ ସ୍ଥିର କରାଯାଇଛି। ଶେଷରେ ବ୍ରଜ କିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫେସର ଗଗନେନ୍ଦ୍ର ଦାଶଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା (ପିଏନ୍): ପ୍ରଖ୍ୟାତ ଭାଷାତତ୍ତ୍ୱବିତ ଓ ସମାଲୋଚକ ପ୍ରଫେସର ଗଗନେନ୍ଦ୍ର ନାଥଦାଶଙ୍କ ବିୟୋଗରେ ଏକ ଶୋକସଭା ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କିଶ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ବିଜୟ କୁମାର ଶତପଥୀ, ଭଦ୍ରକ କଲେଜ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ସେଠୀ, ମଧୁପୁର କଲେଜ ଅଧ୍ୟାପକ ଡ. ତୁହିନାଂଶୁ ରଥ ଓ ପ୍ରାକ୍ତନ ସାଧାରଣ ସମ୍ପାଦକ ବଟକୃଷ୍ଣ ପରିଡା ଯୋଗଦେଇ ପ୍ରଫେସର ଦାଶଙ୍କ ବିୟୋଗରେ ଓଡିଆ ସମାଲୋଚନା ସାହିତ୍ୟର ଅପୂରଣୀୟ କ୍ଷତି ଘଟିଲା ବୋଲି ମତପ୍ରକାଶ କରି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମବରଦା କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ମହିଳା କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ପଣ୍ଡିତ ବ୍ରଜକିଶୋର ଦାସ, ଆଇନଜୀବୀ ସନ୍ତୋଷ କୁମାର ତରାଇ, ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଓ କୈବଲ୍ୟ ଜ୍ୟୋତି ସମ୍ମାନ ପ୍ରଦାନ



କଟକ (ପିଏନ୍): କୈବଲ୍ୟ ସାହିତ୍ୟ ସଂସଦ ତରଫରୁ ଜଗତ କଲ୍ୟାଣ ମହାଯଜ୍ଞ, କୈବଲ୍ୟ ଜ୍ୟୋତି ସମ୍ମାନ ଏବଂ ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଚକ୍ର ଧବଳେଶ୍ୱର ସାରସ୍ୱତ ଆଶ୍ରମ, ଡଙ୍ଗା ଘାଟ ବିଡ଼ାନାସୀଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅବସରରେ ଧବଳେଶ୍ୱର ସାରସ୍ୱତ ଆଶ୍ରମର ସଭାପତି ମାନସ ଚୈତନ୍ୟ ସ୍ୱାଗତ ଭାଷଣ ପ୍ରଦାନ କରି ଜଗତ କଲ୍ୟାଣ ଯଜ୍ଞର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାମୀ ମାଧବ ଚୈତନ୍ୟ ମହାରାଜ ମାନବ କଲ୍ୟାଣ ସମସ୍ତଙ୍କର ଦାୟିତ୍ୱ ବୋଲି ଅତି ସରଳ ଭାବରେ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ବକ୍ତାଭାବେ ଡକ୍ଟର ହରିହର କାନୁନଗୋ ମାନବିକ ମୂଲ୍ୟବୋଧ ଜଗନ୍ନାଥ ସଂସ୍କୃତିର ମୂଳ ମନ୍ତ୍ର ବୋଲି ଅଭିହିତ କରିଥିଲେ। ଜଗନ୍ନାଥ ପ୍ରଚାରକ ଲିଙ୍ଗରାଜ ପତି ଜଗନ୍ନାଥ ସଂସ୍କୃତି ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ବୈଦ୍ୟନାଥ ପଣ୍ଡା ଜଗନ୍ନାଥ ବ୍ରହ୍ମାଣ୍ଡର ଜୀବନ୍ତ ଠାକୁର ବୋଲି ତାତ୍ତ୍ୱିକ ଭାବରେ ବର୍ଣ୍ଣନା କରିଥିଲେ। ପୃଷ୍ଠଭୂମିର ସମ୍ପାଦକ କୈଳାସ ଚନ୍ଦ୍ର ଜେନା ଜଗନ୍ନାଥ ଭାବର ଠାକୁର ବୋଲି ମତବ୍ୟକ୍ତ ରଖିଥିଲେ। ସ୍ୱାମୀ ଅଭେଦାନନ୍ଦ ସରସ୍ୱତୀ, ପଣ୍ଡିତ ନୀଳକଣ୍ଠ ରାଉତ, ଗୀତା ଚଇନି, ବିଶ୍ୱଜିତ ସୂର୍ଯ୍ୟବଂଶୀ ସଭାପତି ମହାତ୍ମା ବିଚାର ମଂଚ, କବି ତୋଫାନ ଜେନା, ଅଜୟ କୁମାର ପଣ୍ଡା, ଜଗନ୍ନାଥ ପ୍ରଚାରକ ଶୁଭେନ୍ଦ୍ର ସ୍ୱାଇଁ ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଅବସରରେ ଡକ୍ଟର ହରିହର କାନୁନଗୋ (ଜଗନ୍ନାଥ ଗବେଷକ), ପଣ୍ଡିତ ଦିବାକର ମିଶ୍ର (ଜଗନ୍ନାଥ ପ୍ରଚାରକ), ଡକ୍ଟର ଲକ୍ଷ୍ମଣ ସାହୁ (ସାହିତ୍ୟିକ), ଡକ୍ଟର ସୁନାମଣି ରାଉତ (ଶିଶୁ ସାହିତ୍ୟିକ), ପଣ୍ଡିତ ପ୍ରଦୀପ୍ତ ମହାପାତ୍ର (ଜଗନ୍ନାଥ ପ୍ରଚାରକ), ଶ୍ରୀ ଶ୍ରୀ ମାନସ ଚୈତନ୍ୟ ମହାରାଜ (ଜଗନ୍ନାଥ ପ୍ରଚାରକ), ହରିଦ୍ୱାର ଆଶ୍ରମର ଗୀତାଞ୍ଜଳି ମହାପାତ୍ର (ଜଗନ୍ନାଥ ଓ ସନାତନଧର୍ମ ପ୍ରଚାରକ) ଏବଂ ସମାଜ ସେବୀ ଅଭିମନ୍ୟୁ ଦାସଙ୍କୁ କୈବଲ୍ୟ ଜ୍ୟୋତି ସମ୍ମାନ-୨୦୨୨ ସାହିତ୍ୟ, ସମାଜ ସେବା ଏବଂ ଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ପ୍ରଚାରକ ପାଇଁ ପ୍ରଦାନ କରାଯାଇଥିଲା। ଏହି ଜଗତ କଲ୍ୟାଣ ମହାଯଜ୍ଞ କାର୍ଯ୍ୟକ୍ରମରେ ସାହି ବସ୍ତିର ବୁଦ୍ଧିଜୀବୀ, ଅଧିବାସୀ, ସାଧୁ ସନ୍ଥ ବହୁ ମାତ୍ରାରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଗର କୁମାର ସାମନ୍ତରାୟ, ଚିତ୍ତ ରଞ୍ଜନ ମହାନ୍ତି, ସୁକୁମାର ସାମଲ, ନମିତା ମହାନ୍ତି, ସଞ୍ଜୟ କୁମାର ମହାରଣା ଅନୁଷ୍ଠାନ ତରଫରୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ ଅବସରରେ ଡଃ ନୃସିଂହନନ୍ଦ ମହାପାତ୍ରଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ ଦିଗବିଜୟୀ ଆଚାର୍ଯ୍ୟ ଶଙ୍କରଙ୍କ ଯାତ୍ରା ଶୁଭ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଯୁବ ଆଧ୍ୟାତ୍ମିକ ସମାଜ ସେବକ ଓ ସ୍ତମ୍ଭକାର ଡ.ସଂଗ୍ରାମ କେଶରୀ ସାମନ୍ତରାୟ ସଂପାଦକୀୟ ବିବରଣୀ ପାଠ ପୂର୍ବକ ପାଠ ଧନ୍ୟବାଦ ଅର୍ପଣ କରି ବର୍ତ୍ତମାନର ଯୁବପିଢ଼ି ଆଧ୍ୟାତ୍ମିକ ସମାଜ ସେବାକୁ ଗୁରୁତ୍ୱ ଦେବାକୁ ସମବେତ ଆହ୍ୱାନ ପ୍ରଦାନ କରିଥିଲେ।

# ଦୁର୍ଗା ଦେବୀ ଥିଲେ ନାରୀ ଜାତିର ଆଦର୍ଶ ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ



ଭୁବନେଶ୍ୱର (ପିଏନ୍): ବାଙ୍କୀ ପଥୁରୀପଡ଼ାର ପରଲୋକଗତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଧର୍ମପତ୍ନୀ ତଥା କଟକ ଜିଲ୍ଲା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି କବି ଓ ପ୍ରତିଭାଦୀପ୍ତ ସୁନୀଲ ମିଶ୍ରଙ୍କ ମାତା ଦୁର୍ଗା ଦେବୀଙ୍କ ଦଶାହ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ନିଜସ୍ୱ ଗ୍ରାମରେ ଅନୁଷ୍ଠିତ ହେଇଯାଇଛି। ଓଡ଼ିଶା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଉକ୍ତ ସ୍ମୃତିଚାରଣ ସଭାରେ ଓଡ଼ିଶାର ବାଲେଶ୍ୱର, ଯାଜପୁର ରୋଡ଼, କଟକ, ବ୍ରହ୍ମପୁର, ବ୍ରହ୍ମଗିରି, ଖୋର୍ଦ୍ଧା, ପୁରୀ, ବାଙ୍କୀ, ପୁରୀ, ବରଗଡ଼, ସମ୍ବଲପୁର ଆଦି ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡ଼ିଶା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଉକ୍ତ ସଭାରେ ପ୍ରଥମେ ପୁଣ୍ୟଆତ୍ମାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ଧୂପ ଦାନ, ନୀରବ ପ୍ରାର୍ଥନା, ଓଡ଼ିଶାର ବିଶିଷ୍ଟ ପ୍ରବଚକ ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀଙ୍କ ଦ୍ୱାରା ବେଦ ପାଠ କରାଯାଇ ସ୍ମରଣିକା (ପୂଜନୀୟା ଦୁର୍ଗାଦେବୀ)କୁ ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ବରେଣ୍ୟ ଅତିଥି ଭାବେ, ବାଙ୍କୀର ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଓ ଉତ୍କଳ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉନ୍ମୋଚନ କରିବା ସହିତ ଦୁର୍ଗା ଦେବୀ ସମସ୍ତ ମାତୃଶକ୍ତି, ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ପୂଜ୍ୟପୂଜା ହେଉଛି ପାତାଳଭେଦୀ ସଂସ୍କୃତି ବୋଲି ଅନ୍ୟ ଅତିଥି ସମୂହ ସ୍ମୃତିଚାରଣ ଅବସରରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଇନଜୀବୀ ଦିଗମ୍ବର ବେହେରା, ଆଲୋକ କୁମାର ପ୍ରଧାନ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସୁରେଶ୍ୱର ବେହେରା, ବ୍ରଜବନ୍ଧୁ ଦାସ, କାମଦେବ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କାହ୍ନୁ ସିଂହ, ସରପଞ୍ଚ ସୁରଞ୍ଜନ ପଣ୍ଡା, ପ୍ରଦ୍ୟୁମ୍ନ ସୁବୁଦ୍ଧି, ଅଶୋକ କୁମାର ମିଶ୍ର, ଧନେଶ୍ୱର ବଳିଆରସିଂହ, ପ୍ରାଧାପକ ମନୋଜ ମହାପାତ୍ର, ଗୋବିନ୍ଦ ତ୍ରିପାଠୀ, ଗୀତିକାର ଯୁଧିଷ୍ଠିର ଖୁଣ୍ଟିଆ, ସଦାଶିବ ଦାସ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଦାଧର ତ୍ରିପାଠୀ, କବି କୌଶିକ ନାୟକ, ଅଂଶୁପା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ବେଉରା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ଏନ୍.ଏ.ସି. ଉପାଧ୍ୟକ୍ଷ ସନ୍ତୋଷ ରଣା, କାଉନ୍‌ସିଲର ସନାତନ ବେହେରା, ବିଜୁ ଜନତା ଦଳ ସଭାପତି ଅନନ୍ତ ଦାସ, ଆଇନଜୀବୀ ଜିତେନ କୁମାର ରଥ, ରଣଜିତ୍ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ଆଶିଷ ସାହୁ ଓ ସଞ୍ଜୟ ପାତ୍ର, ସାମ୍ବାଦିକ ଦେବାଶିଷ ରାଉତ, ଅରବିନ୍ଦ ହରିଚନ୍ଦନ, ଯୁଧିଷ୍ଠିର କୁଣ୍ଡୁ, ବିଭୁ ସାମଲ, ଆଶିଷ ମହାପାତ୍ର, ପ୍ରତାପ ନାୟକ, ରଞ୍ଜିତ ସେଠ୍ ତଥା ଗ୍ରାମବାସୀ ସାହିତ୍ୟିକ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ସୀତାବଲ୍ଲଭ ମହାପାତ୍ର ତାଙ୍କ ଭାଷଣରେ କହିଥିଲେ ଏହି ଦିବଙ୍ଗତ ମହିଳାଙ୍କୁ ଯଶସ୍ୱୀ ମାତା, ଯଶସ୍ୱୀ ପତ୍ନୀ ରୂପେ ବର୍ଣ୍ଣନା କରିଥିଲେ। ପ୍ରକାଶ ଥାଉକି, ଏହି ମହୀୟସୀ ମହିଳାଙ୍କ ଗତ ନଭେମ୍ବର ୧୯ ତାରିଖରେ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସଂଗଠନର ସଂଯୋଜକ ବାପୁ ଓଝା ଧନ୍ୟବାଦ ପ୍ରଦାନ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ବଳଦେବ ପାଞ୍ଜି ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ତୁଳସୀକ୍ଷେତ୍ର କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀୟୁଙ୍କ ଯାତ୍ରୀ ନିବାସରେ ବଳଦେବଜୀୟୁ ପାଞ୍ଜି ପ୍ରକାଶନ କମିଟିର ଏକ ପ୍ରସ୍ତୁତି ବୈଠକ ଇଣ୍ଟରନେସନାଲ ଏକାଡେମୀ ଅଫ୍ ଇଣ୍ଡିଆନ୍ ଷ୍ଟଡିଜ୍, ଓଡିଶାର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶଙ୍କ ଆବାହକତ୍ୱରେ ଏବଂ ପଣ୍ଡିତ ସର୍ବେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀୟୁଙ୍କ ପାଞ୍ଜି ପ୍ରକାଶନ ପାଇଁ ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଶ୍ରୀଜୀୟୁଙ୍କ ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବଡପଣ୍ଡା ମାଧବ ପତ୍ରୀ, ରାଜ୍ୟସଭା ଯୁଗ୍ମ ସଚିବ ଚୌଧୁରୀ ରମାକାନ୍ତ ଦାସ, ଗବେଷକ ନିରଞ୍ଜନ ମେକାପ, ପ୍ରାବନ୍ଧିକ ଡଃ. ସର୍ବେସ୍ୱର ସେଣ, ପଣ୍ଡିତ ଭ୍ରମରବର ନନ୍ଦ, ଶ୍ରମିକ ନେତା ବସନ୍ତ କୁମାର ଦାଶ, ଭରତ ଚରଣ ଦାସ, ପୀତାମ୍ବର ମହାନ୍ତି, ହେମନ୍ତ ଜେନା ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ଓଡିଆ ନବବର୍ଷରୁ ଶ୍ରୀବଳଦେବଜୀୟୁଙ୍କ ପାଞ୍ଜି ପ୍ରକାଶନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ଶ୍ରୀଜୀୟୁଙ୍କ ବଡପଣ୍ଡା ମାଧବ ପତ୍ରୀଙ୍କ ଅଧ୍ୟକ୍ଷତାରେ ସେବକ କମିଟି, ପଣ୍ଡିତ ଭ୍ରମରବର ନନ୍ଦଙ୍କ ଅଧ୍ୟକ୍ଷତାରେ ବୈଷୟିକ ଜ୍ୟୋତିର୍ବିଦ କମିଟି ଏବଂ ଡକ୍ଟର ସର୍ବେଶ୍ୱର ସେଣଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରସାର କମିଟିରେ ଗବେଷକ ନିରଞ୍ଜନ ମେକାପ ଏବଂ ରାଜଶ୍ରୀର ସମ୍ପାଦକ ହେମନ୍ତ ଜେନାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇ ସେମାନଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରାଯାଇଥିଲା। ଶେଷରେ ଶ୍ରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Saturday June 15, 2024 ଭୁବନେଶ୍ୱର ଶନିବାର, ଜୁନ ୧୫,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ଗଜପତି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ଓ ଟେବୁଲ୍ ଟପ୍ ଅଭ୍ୟାସର ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି ,(ପି.ଏନ): ଗଜପତି ଜିଲ୍ଲାରେ ଚଳିତ ଜୁନ ମାସ ୧୮ ଓ ୧୯ ତାରିଖ ଦିନ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମକଡ୍ରିଲ ଅନୁଷ୍ଠିତ ହେବ । ଏହାର ପରିଚାଳନା କରିବା ନେଇ ଏକ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗଜପତି ଜିଲ୍ଲା ସବୁ ସମୟରେ ବିପର୍ଯ୍ୟୟର ମୁକାବିଲା କରି ଜନଜୀବନ ସୁରକ୍ଷା ଦେଇ ଆସୁଛି । ବିପର୍ଯ୍ୟୟ କେତେବେଳେ ଆସିବ କେହି କହିପାରିବେ ନାହିଁ କିନ୍ତୁ ପୂର୍ବ ସୂଚନା ପାଇବା ପରେ ଯଦି ସେଗୁଡିକର ପରିଚାଳନା ସଠିକ୍ କରିବା ତେବେ ବିପର୍ଯ୍ୟୟର ମୁକାବିଲା କରିପାରିବା । ଏହି ବିପର୍ଯ୍ୟୟର ମୁକାବିଲା ଦିଗରେ ଆମ୍ଭ ମାନଙ୍କୁ ପୂର୍ବ ପ୍ରସ୍ତୁତି କରିବାର ଅଛି । ଯଦି, ସଠିକ୍ ପ୍ରସ୍ତୁତି ଥିବ ଏବଂ ମୁକାବିଲା ଦିଗରେ ଆମେ ପୂର୍ବରୁ ପ୍ରଶିକ୍ଷଣ ନେଇଥିବା ତେବେ ବିପର୍ଯ୍ୟୟର ମୁକାବିଲା ସହଜସାଧ ହେବ ବୋଲି ଜିଲ୍ଲାପାଳ କହିଛନ୍ତି । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ପ୍ରଦୋଷ କୁମାର ଶତପଥୀ ଜିଲ୍ଲାରେ ହେବାକୁ ଥିବା କାର୍ଯ୍ୟ ଖସଡା ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ । ଆଗକୁ ବର୍ଷା ଦିନ ଆସିବାର ଅଛି, ସମ୍ଭାବ୍ୟ ବିପର୍ଯ୍ୟୟ ଗୁଡିକର ମୁକାବିଲା କରିବା ଦିଗରେ ଆମ ମାନଙ୍କ ପାଖରେ ରହିଥିବା ସମ୍ବଳ ଗୁଡିକ କିପରି ଉପ ଯୋଗୀ କରିବା ସେ ସମ୍ପର୍କରେ ପ୍ରସ୍ତୁତି ଅଭ୍ୟାସ ବା ମକଡ୍ରିଲ କରିବା ଜରୁରୀ । ପ୍ରସ୍ତୁତି ଅଭ୍ୟାସର ସଠିକ୍ ପରିଚାଳନା କରିବା ନିମନ୍ତେ ଚଳିତ ମାସ ୧୮ ଓ ୧୯ ତାରିଖ ଦିନ ପ୍ରତି ବର୍ଷ ପରି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯିବ । ଆମ ପାଖରେ ରହିଥିବା ମାନବ ସମ୍ବଳର ଉପଯୋଗ, ଗଚ୍ଛିତ ଥିବା ଯନ୍ତ୍ରାଂଶର ବ୍ୟବହାର, ଜନସାଧାରଣଙ୍କ ବହୁମୂଲ୍ୟ ଜୀବନ ଓ ପଶୁ ସମ୍ପଦର ସୁରକ୍ଷା ନିମନ୍ତେ ରହିଥିବା କୋଠାବାଡିର ଉପଯୋଗ ଇତ୍ୟାଦି କିଭଳି କରିବା ସେଗୁଡିକର ପ୍ରଶିକ୍ଷଣ ଏହି ଦୁଇଦିନ ଅନୁଷ୍ଠିତ ହେବ । ବନ୍ୟା ,ବାତ୍ୟା, ବିଜୁଳି, ପାଣିରେ ବୁଡିଯିବା, ସାପ କାମୁଡିବା ଇତ୍ୟାଦି ବିପର୍ଯ୍ୟୟର ମୁକାବିଲା ସକାଶେ ପୂର୍ବ ପ୍ରସ୍ତୁତି ଅପରିହାର୍ଯ୍ୟ । ତେବେ ଯାଇ ଆମେ ସୁରକ୍ଷିତ ରହିବା ଏବଂ ଅନ୍ୟ ଜୀବନକୁ ମଧ ସୁରକ୍ଷା ଦେଇପାରିବା । ସେହି ସମସ୍ତ ଉପକରଣ ଗୁଡିକର ବ୍ୟବହାର ଉପଯୋଗୀ କରିବା ସହିତ ପୂର୍ବରୁ ସଜାଡି ରଖିବାର ଆବଶ୍ୟକତା ରହିଛି । ସେହିପରି ଆଗକୁ ବର୍ଷା ଆସୁଥିବା ହେତୁ ପାରଳାଖେମୁଣ୍ଡି ପୌର ପରିଷଦ ଓ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ସମସ୍ତ ବ୍ଲକ ଓ ଗ୍ରାମ୍ୟ ପଞ୍ଚାୟତ ଗୁଡିକରେ ରହିଥିବା ନାଳ, ନରଦ୍ଦମା ଗୁଡିକର ସଫେଇ କରିବା ନିମନ୍ତେ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ସଂପୃକ୍ତ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ । ଆଜିର ଏହି ବୈଠକରେ ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀଯୁକ୍ତ ଜି.ତିରୁପତି ରାଓ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ଜିଲ୍ଲା ବନ ଖଣ୍ଡ ଅଧିକାରୀ ଶ୍ରୀ ଏସ.ଆନନ୍ଦ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ,ପାରଳାଖେମୁଣ୍ଡି ଶ୍ରୀ ଦିଲ୍ଲିପ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ସମସ୍ତ ପଞ୍ଚାୟତ ସମିତି ଅଧକ୍ଷ,ଅଧକ୍ଷା ସମେତ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଟାଟା ହକି ଲିଗ୍ ରେ ପିପିଏଲ ପାରାଦ୍ୱୀପର ଆଦିତ୍ୟ ମହାରଣାଙ୍କୁ ଶ୍ରେଷ୍ଠ ଗୋଲ୍ କିପର ସମ୍ମାନ



ପାରାଦ୍ୱୀପ,(ପି.ଏନ): ଗତ ଜୁନ ୧୨ ତାରିଖ ଠାରୁ ଢେଙ୍କାନାଳ ଟାଉନ ହକି ଷ୍ଟାଡିୟମ ଠାରେ ଚାଲିଥିବା ଚତୁର୍ଥ ସଂସ୍କରଣ ଟାଟା ହକି ଲିଗ୍ ମ୍ୟାଚ୍‌ରେ ପିପିଏଲ, ପାରାଦ୍ୱୀପ ସେଣ୍ଟର ର ଗୋଲ କିପର ଆଦିତ୍ୟ ମହାରଣାଙ୍କୁ ଶ୍ରେଷ୍ଠ ଗୋଲ୍ ରକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ପୁରସ୍କାର ଟାଟା ହକି ବିଚାରକ କମିଟି ଦ୍ୱାରା ଚୟନ କରାଯାଇ ତାଙ୍କୁ ପ୍ରଦାନ କରାଯାଇଛି । ଆଦିତ୍ୟ ମହାରଣା ଡିଏଭି ସ୍କୁଲ୍ ର ସପ୍ତମ ଶ୍ରେଣୀରେ ପାଠ ପଢୁଛନ୍ତି । ତାଙ୍କ ପିତା ସୁରେସ ଚନ୍ଦ୍ର ମହାରଣା ପିପିଏଲ୍ ସାର କାରଖାନାରେ କାର୍ଯ୍ୟ କରନ୍ତି । ପିପିଏଲ୍ ପାରାଦୀପାର ଏହି ଦଳରେ ସାଇ ସୁରୟାନ୍ସ ଅଧିନାୟକ ତଥା ସୁମିତ୍ ଲାକ୍ରା କୋଚ୍ ଓ ଶାଶ୍ୱତ କୁମାର ଭାରତୀୟ ଟିମ୍ ମ୍ୟାନେଜର ଭାବରେ କାର୍ଯ୍ୟ ଭାର ସମ୍ଭାଳିଛନ୍ତି । ପିପିଏଲ୍ ପାରାଦ୍ୱୀପର ଏହି ସଫଳତା ପାଇଁ ତାଙ୍କୁ ବହୁ କ୍ରୀଡ଼ା ଅନୁଷ୍ଠାନ ତଥା କ୍ରାଡାବିତ ମାନେ ଅଭିନନ୍ଦନ ଜଣାଇଛନ୍ତି ।ଡି.ଏ.ଭି,ପିପିଏଲ୍ ପାରାଦ୍ୱୀପର ଅଧକ୍ଷ ସଞ୍ଜିବ କୁମାର ସାହୁ ଓ ପିପିଏଲ ପାରାଦ୍ୱୀପର ବହୁ ଅଧିକାରି ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ସୁଭେଚ୍ଛା ଜଣାଇବା ସହ ଉଜ୍ୱଳ ଭବିଷ୍ୟତର କାମନା କରିଥିଲେ ।

## ସର୍ବସାଧାରଣ ନିମିତ୍ତ ବିଜ୍ଞପ୍ତି

ଏହି ବିଜ୍ଞପ୍ତି ସର୍ବସାଧାରଣଙ୍କ ଅବଗତି ପାଇଁ ଉଦ୍ଦିଷ୍ଟ ଯେ ନ୍ତଆମ ଅଧିକାର ମିଶନନ୍ତ ନାମରେ ଏକ ରାଜନୈତିକ ଦଳ ପଞ୍ଜୀକୃତ ହେବାକୁ ପ୍ରସ୍ତାବ ଦିଆଯାଇଛି । ପ୍ଲଟ ନଂ- ୮୧୫, ଯଯାତି ନଗର, ନାରାୟଣ ଛକ, ଯାଜପୁର ଟାଉନ,ଯାଜପୁର,ଓଡ଼ିଶା --୭୫୫୦୦୧ରେ ଦଳର କାର୍ଯ୍ୟାଳୟ ଅବସ୍ଥିତ। ଲୋକ ପ୍ରତିନିଧି ଅଧିନିୟମ ୧୯୫୧ର ଧାରା ୨୯(କ) ଅନୁଯାୟୀ ଏକ ରାଜନୈତିକ ଦଳ ଭାବରେ ପଞ୍ଜୀକରଣ ପାଇଁ ଏହି ଦଳ ଭାରତର ନିର୍ବାଚନ ଆୟୋଗ, ନୂଆଦିଲ୍ଲୀରେ ଆବେଦନ ଦାଖଲ କରିଛନ୍ତି। ଦଳର ପଦାଧିକାରୀଙ୍କ ନାମ ଏବଂ ଠିକଣା ନିମ୍ନମତେ ଅଟେ।ସଭାପତି - ଲୋକନାଥ ପ୍ରସାଦ ସାହୁ , ଗ୍ରାମ - ଡୁମୁକା, ଟାଉନ - ଡୁମୁକା, ଥାନା - ମାର୍ଶାଘାଇ, ଜିଲ୍ଲା - କେନ୍ଦ୍ରାପଡ଼ା , ସାଧାରଣସମ୍ପାଦକ-ସ୍ନେହଲତା ସାହୁ, ଗ୍ରାମ - ଡୁମୁକା, ଟାଉନ - ଡୁମୁକା ,ଥାନା - ମାର୍ଶାଘାଇ,ଜିଲ୍ଲା - କେନ୍ଦ୍ରାପଡ଼ା ,କୋଷାଧକ୍ଷ - ଶ୍ରାବଣୀ ସରିତା, ଗ୍ରାମ - ବାରବାଟି,ଟାଉନ - ବିଚିତ୍ରପୁର,ଥାନା - ଯାଜପୁର,ଜିଲ୍ଲା - ଯାଜପୁର । ଯଦି ନ୍ତ ଆମ ଅଧିକାର ମିଶନ ନ୍ତ (ପ୍ରସ୍ତାବିତ ଦଳର ନାମ) ପଞ୍ଜିକରଣରେ କାହାର କିଛି ଆପତ୍ତି ଥାଏ ତେବେ ସେମାନେ ଏହାର କାରଣ ସହିତ ନିଜର ଆପତ୍ତି ଭାରତର ନିର୍ବାଚନ ଆୟୋଗଙ୍କ ସଚିବ (ରାଜନୈତିକ ଦଳ) , ନିର୍ବାଚନ ସଦନ, ଅଶୋକା ରୋଡ, ନୂଆଦିଲ୍ଲୀ -୧୧୦୦୦୧ କୁ ଏହି ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ପଠାଇ ପାରନ୍ତି।

## ଗଜପତିରେ କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ତାଲିମ କାର୍ଯକ୍ରମ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲାର ମୋହନା ବ୍ଲକ୍‌ର ଚନ୍ଦ୍ରଗିରି ତିବ୍ଦତୀୟ ବଙ୍ଗଳା ଠାରେ କୃଷକ ଉତ୍ପାଦକ କମ୍ପାନି (ଏଫପିସି) ପକ୍ଷରୁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୃଷି ବିକାଶ ଅଧିକାରୀ, ରା.ଉଦୟଗିରି ବ୍ଲକର ସହକାରୀ କୃଷି ଅଧିକାରୀ ଏବଂ ମୋହନା ବ୍ଲକର ବ୍ଲକ ପ୍ରକଳ୍ପ ସଂଯୋଜକ ଉପସ୍ଥିତ ଥିଲେ । ଆକ୍‌ସେସ୍ ଡେଭଲପମେଣ୍ଟ ସର୍ଭିସେସ୍ ପ୍ରତିନିଧିତ୍ୱ କରୁଥିବା ରଞ୍ଜିତା ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କୃଷି ସମ୍ପ୍ରଦାୟକୁ ମଜବୁତ କରିବା ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବାରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଥିଲା ।

## ଆଶିଷ ଦାଶ ଆଦାନୀ ଧାମରା ପୋର୍ଟ କର୍ପୋରେଟ ବ୍ୟାପାର ମୁଖ୍ୟ

ଭୁବନେଶ୍ୱର,(ପି.ଏନ): ଆଦାନୀ ଧାମରା ପୋର୍ଟର କର୍ପୋରେଟ ବ୍ୟାପାର ମୁଖ୍ୟ ଭାବେ ଶ୍ରୀ ଆଶିଷ ଦାଶ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଶ୍ରୀ ଦାଶ କର୍ପୋରେଟ ଜଗତରେ ଏକ ଜଣଶୁଣା ନାମ । ଦୀର୍ଘ ୨୫ ବର୍ଷ ଧରି ଶ୍ରୀ ଦାଶ ରିଲାଏନ୍ସ, ଟାଟା, ଏସାର, ଏସିଏମ୍‌ଇ, ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ଆଦି କମ୍ପାନୀରେ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରି ଆସିଛନ୍ତି । ଆଦାନୀ ପୋର୍ଟରେ ଯୋଗ ଦେବା ପୂର୍ବରୁ ସେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ରେ କାର୍ଯ୍ୟ କରୁଥିଲେ । ସେ ନିଜ କ୍ୟାରିୟର ଓଡ଼ିଶା ପ୍ରଶାସନିକ ଅଧିକାରୀ ଭାବେ ଆରମ୍ଭ କରି ୧୯୯୯ ମସିହାରେ ଭଦ୍ରକ ଜିଲାରେ ପ୍ରଥମ ପୋଷ୍ଟିଂ ପାଇଥିଲେ । ଶ୍ରୀ ଦାଶ ଦୁବାଇସ୍ଥିତ ଏଚ୍.ୟୁ.ଏଲ୍.ଟି ଇଣ୍ଟରନ୍ୟାସନାଲ ବିଜିନେସ୍ ସ୍କୁଲରୁ 'ପ୍ରକଳ୍ପ ପରିଚାଳନା ଏବଂ କର୍ପୋରେଟ ଫାଇନାନ୍ସ'ରେ ଏମ୍‌ବିଏ କରିଛନ୍ତି । କର୍ପୋରେଟ ବ୍ୟାପାର, ଆଇନ୍, କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍), ଭୂମିଗତ ପରିଚାଳନା, କମ୍ୟୁନିଟୀ ଇଣ୍ଟରଆକ୍ସନ, ବିଭିନ୍ନ ବ୍ୟବସ୍ଥା ଭିତ୍ତିକ କାର୍ଯ୍ୟକ୍ରମ ଏବଂ ଆଇନଗତ ନିୟମ ଆଦି ବିଭିନ୍ନ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଛି । ତାଙ୍କ ପୂର୍ବରୁ ଶ୍ରୀ ଜଗତ ପରିଜା ଉକ୍ତ ସ୍ଥାନରେ ରହିଥିବା ବେଳେ ୨୦୨୪ ଏପ୍ରିଲ ୩୦ ତାରିଖରେ ସେ ଅବସର ଗ୍ରହଣ କରିଛନ୍ତି ।

## ଦୁର୍ଘଟଣାରେ ୨ ପାନଚାଷୀ ମୃତ, ୧୪ ଆହତ

କାକଟପୁର ,(ପି.ଏନ):ଆଜି ପହିଲି ରଜ, ପ୍ରତିଟି ଓଡ଼ିଆ ମାନଙ୍କର ଏକ ନିଆରା ପର୍ବ, ରଜ ଆସିଗଲେ ପ୍ରତ୍ୟେକ ପରିବାର ରେ ଯେମିତି ଖୁସି ର ଲହରୀ ଖେଳିଯାଏ, ପିଠା ପଣା ସାଙ୍ଗକୁ ବିଭିନ୍ନ ବ୍ୟଞ୍ଜନ ରେ ପ୍ରସ୍ତୁତ ଖାଦ୍ୟ । କିନ୍ତୁ ଏହି ପହିଲି ରଜ ରେ ଆଜି ସକାଳୁ କାକଟପୁର ନୟାହାଟ ରୋଡ଼ ର ଜଗନ୍ନାଥ ପୁର ଛକରେ ଘଟିଛି ଏକା ମର୍ମନ୍ତୁଦ ସଡକ ଦୁର୍ଘଟଣା । ଯାହା ଫଳରେ ଏହି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୪ ଜଣ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାଇ ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ଛଇତନାରୁ ଏକ ମହିନ୍ଦ୍ରା ପିକଅପ ଭ୍ୟାନ ରେ. ନମ୍ବର OD33AE ୨୯୨୫ ଛଇତନା ସମେତ ଆଖପାଖ ଅଞ୍ଚଳରୁ ପ୍ରାୟ ୧୬ ଜଣ ପାନ ପାନଚାଷୀଙ୍କୁ ନେଇ ପିପିଲି ହାଟକୁ ଯାଉଥିବା ସମୟରେ କାକଟପୁର ନୟାହାଟ ରାସ୍ତାର ଜଗନ୍ନାଥପୁର ଛକ ନିକଟରେ ହଠାତ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଫଳରେ ଗାଡି ଉପରେ ବସିଥିବା ପାନଚାଷୀଙ୍କ ମଧ୍ୟରୁ ଛଇତନା ଗ୍ରାମର ଯୋଗେନ୍ଦ୍ର ସାହୁ (୫୨) ଏବଂ କେନ୍ଦ୍ରାପଟି ଗ୍ରାମର ଶରତ ଚନ୍ଦ୍ର ସାହୁ (୫୮) ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୪ ଜଣ ଗୁରୁତର ଆହତ ହୋଇଥିଲେ କ୍ଷ ଆହତ ମାନଙ୍କୁ ସ୍ଥାନୀୟ ଲୋକେ ଏବଂ କାକଟପୁର ପୋଲିସର ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା । ସେଠାରେ ୫ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା । କାକଟପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ୟାପିଟାଲ ହସ୍ପିଟାଲ ରେ ପହଞ୍ଚି ଆହତ ମାନଙ୍କ ଚିକିତ୍ସା ପାଇଁ ସମସ୍ତ ପ୍ରକାର ସହଯୋଗ କରିଥିଲେ ।

## ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ: ୟାସିର

ଭୁବନେଶ୍ୱର, (ପି.ଏନ) : ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଟ୍ ପ୍ରଶ୍ନପତ୍ର ଲିକ୍‌ର ପ୍ରମାଣ ନାହିଁ ବୋଲି କହିବା ଦୁର୍ଭାଗ୍ୟଜନକ। ଏହି ସାଂଘାତିକ ସ୍କାମ୍ ସଂପର୍କରେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ମୁହଁ ଖୋଲି ନଥିଲେ ଏବଂ ପ୍ରଥମ କରି ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ସରକାରଙ୍କର ଅସଲ ଚେହେରାକୁ ପଦାକୁ ଆଣିଛନ୍ତି। ପ୍ରଶ୍ନପତ୍ର ଲିକ୍‌କୁ ମୋଦୀ ସରକାର ଗୁରୁତ୍ୱର ସହ ନିଅନ୍ତି ନାହିଁ। ନିଟ୍ ପରୀକ୍ଷାରେ ସ୍ୱଚ୍ଛତା ବାଧାପ୍ରାପ୍ତ ହୋଇଛି ବୋଲି ମାନ୍ୟବର ସୁପ୍ରିମ୍ କୋର୍ଟ କହିସାରିଛନ୍ତି। ଏ କଥା ବୋଧେ ମନ୍ତ୍ରୀ ଜାଣିନାହାନ୍ତି। ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହେଉଛି ଯେ ଏଥିରେ ମୋଦୀ ସରକାରର ସଂପୂର୍ଣ୍ଣ ସଂପୃକ୍ତି ରହିଛି। କାରଣ ସତ୍ୟର ଉଦ୍‌ଘାଟନ ନ କରି ଏହି ସ୍କାମ୍‌କୁ ଘଂଟ ଘୋଡାଇ ଦେବା ପାଇଁ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବକ୍ତବ୍ୟ ଦେଇଛନ୍ତି ବୋଲି ସୟଦ ୟାସିର ନୱାଜ କହିଛନ୍ତି। ଇଣ୍ଡିଆନ ମେଡ଼ିକାଲ ଆସୋସିଏସନ୍ ନିଟ୍ ପରୀକ୍ଷା ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଦାବୀ କରିଛନ୍ତି। ହେଲେ ମନ୍ତ୍ରୀ ଶ୍ରୀ ପ୍ରଧାନ ଏନ୍.ଟି.ଏ ସଂପର୍କରେ ଯୁକ୍ତି ବାଢ଼ିବା ତାଙ୍କର ସାଧୁତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରୀ ପ୍ରଧାନ ତାଙ୍କର ବକ୍ତବ୍ୟରେ ଏ ଦେଶର ମେଧାବୀ ଛାତ୍ର ଛାତ୍ରୀଙ୍କ ବିରୋଧାଚରଣ କରିଛନ୍ତି।ନିଟ ସ୍କାମ ଏ ରାଷ୍ଟ୍ରର ଛାତ୍ର ସମାଜ ପାଇଁ ଏକ ସାଂଘାତିକ ବିଶ୍ୱାସଘାତକତା। ଏ ସଂପୂର୍ଣ୍ଣ ଦୁର୍ନୀତିରେ ଏନଟିଏ ସଂପୃକ୍ତ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ରକୁ ବାହାରେ ପ୍ରଘଟ କରିବାର ପ୍ରମାଣ ରହିଛି। ଏହା ଦ୍ୱାରା ୨୪ଲକ୍ଷ ପରୀକ୍ଷାର୍ଥିଙ୍କର ଭବିଷ୍ୟତ ସହ ଖେଳାଯାଇଛି। ଜୁନମାସ ୧୪ ତାରିଖରେ ଫଳାଫଳ ବାହାରିବା କଥା ମାତ୍ର ଯେଉଁଦିନ ସାଧାରଣ ନିର୍ବାଚନ ଅର୍ଥାତ ୧୦ ଦିନ ପୂର୍ବରୁ ନିଟ ପରୀକ୍ଷାର ଫଳାଫଳ ପ୍ରକାଶ କରାଗଲା। ଏହା ମଧ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। କିପରି ସମସ୍ତଙ୍କ ଦୃଷ୍ଟିରୁ ଏହି ଫଳାଫଳ ଏଡ଼େଇଯିବ ସେଥିପାଇଁ ଏହି ଷଡ଼ଯନ୍ତ୍ର କରାଯାଇଛି। ୬୭ ଜଣ ଛାତ୍ରଙ୍କୁ ପୂର୍ଣ୍ଣସଂଖ୍ୟା ୭୨୦ ନମ୍ବର ଦିଆଯାଇଛି। ନିଟ ପରୀକ୍ଷାର ମୂଲ୍ୟାୟନ ଯେଉଁ ପ୍ରକ୍ରିୟାରେ ହୁଏ ସେହି ପ୍ରକ୍ରିୟାରେ ଜଣେ ପରୀକ୍ଷାର୍ଥି ୭୧୮ କିମ୍ବା ୭୧୯ ନମ୍ବର ପାଇପାରିବ ନାହିଁ। ତେଣୁ କିଭଳି ଭାବେ ପରୀକ୍ଷାର୍ଥିଙ୍କୁ ୭୧୮ ଓ ୭୧୯ ନମ୍ବର ଦିଆଯାଇଛି। ଗୋଟିଏ ପରୀକ୍ଷା କେନ୍ଦ୍ରରେ ଅଧିକାଂଶ ପରୀକ୍ଷାର୍ଥି ଟପର ଲିଷ୍ଟରେ ରହିଛନ୍ତି। କେତେକ କେନ୍ଦ୍ରରେ ପରୀକ୍ଷାର୍ଥିଙ୍କୁ ଭୁଲ ପ୍ରଶ୍ନ ବଂଟନ କରାଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ଏହି ଘଟଣାରେ ବିଚାରବିଭାଗୀୟ ତଦନ୍ତ ଦାବି କରିବା ସହ ନିଟ ୟୁଜି-୨୦୨୪ ପୁନଃ ପରୀକ୍ଷା କରିବାକୁ ଦାବି କରୁଛି। ସୁତରାଂ ଶ୍ରୀ ପ୍ରଧାନ ତାଙ୍କର ବକ୍ତବ୍ୟକୁ ପ୍ରତ୍ୟାହାର କରିବା ସହ ଦୁର୍ନୀତିର ପର୍ଦାଫାସ କରି ଦୋଷିଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା କରିବାକୁ ଶ୍ରୀ ନୱାଜ ଦାବୀ କରିଛନ୍ତି। ଏ ଦେଶର ନିରୀହ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସହ ମନ୍ତ୍ରୀ ପ୍ରଧାନ ନ ଖେଳିବା ପାଇଁ ସୟଦ ୟାସିର ନୱାଜ କହିଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray